



୩ ଦିନିଆ ଡିଜିପି ସମ୍ମିଳନୀରେ ଯୋଗଦେବାକୁ ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିବା ବିଭିନ୍ନ ରାଜ୍ୟର ଅଧିକାରୀ। (ଫଟୋ: ବିକାଶ ନାୟକ)

# ଡିଜିପି ସମ୍ମିଳନୀ | ଆଜି ଆସିବେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ

## ଗସ୍ତ ପୂର୍ବରୁ ସୁରକ୍ଷା ଯାଞ୍ଚ, କାର୍‌କେଡ୍ ରିହରସାଲ୍

ଭୁବନେଶ୍ୱର,୨୮।୧୧
(ସୂର୍ଯ୍ୟକାନ୍ତ ବେହେରା)

ସର୍ବଭାରତୀୟ ୫୯ତମ ଡିଜି-ଆଇଜି ସମ୍ମିଳନୀ ଭୁବନେଶ୍ୱରରେ ଶୁକ୍ରବାର ଆରମ୍ଭ ହୋଇ ଡିସେମ୍ବର ୧ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ପାଇଁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଭୁବନେଶ୍ୱର ଆସିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଅପରାହ୍ନ ୪ଟା ୨୦ରେ ମୋଦି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ଗୁରୁବାର ଭୁବନେଶ୍ୱରରେ ୩ଟି ରାଜ୍ୟର ପ୍ରତିନିଧିଙ୍କ ସମେତ ପ୍ରାୟ ୩୦ରୁ ଅଧିକ ଅଧିକାରୀ ପହଞ୍ଚି ସାରିଲେଣି। ଗୋଇନ୍ଦା ନିର୍ଦ୍ଦେଶକ ତପନ ଡେକା ମଧ୍ୟ ପହଞ୍ଚି ସାରିଛନ୍ତି। ତେଣୁ ସମସ୍ତଙ୍କ ସୁରକ୍ଷା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି




ସରିଥିବାବେଳେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏପରି କି ଅତିଥିଙ୍କୁ ସ୍ୱାଗତ ଓ ସହାୟତା ପାଇଁ ବିମାନବନ୍ଦରରେ କମିଶନରେଟ ପୋଲିସ ପକ୍ଷରୁ କ୍ୟାମ୍ପ ସାଙ୍ଗକୁ ୨ଟି ହେଲ୍ପ ଡେସ୍କ ଖୋଲାଯାଇଛି। ସେହିପରି ସହରର ସମସ୍ତ ଏଣ୍ଟ୍ରି ପଏଣ୍ଟକୁ ସିଲ୍ କରି ପୋଲିସ ଓ ବିଏସ୍ଏଫ୍ କଡ଼ା ଯାଞ୍ଚ କରୁଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପୋଲିସ ସନ୍ଧାନୀ କୁକୁର ସହାୟତାରେ ଗୁରୁବାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛି। ଏହାସହ ବିମାନବନ୍ଦର, ଲୋକ ସେବାଭବନ, ରାଜଭବନ ଓ ରାଜ୍ୟ ଅତିଥିଭବନ, ମୈତ୍ରୀବିହାର, ଚନ୍ଦ୍ରଶେଖରପୁରରେ ଥିବା ଆଇପିଏସ୍ ମେସ୍ ସହିତ ପ୍ରମୁଖ ଅଞ୍ଚଳରେ ପୋଲିସ କଡ଼ା ପହରା ଦେବା ସହ ନୋ ଫ୍ଲାଏ ଜୋନ୍ ଘୋଷଣା କରାଯାଇଛି। ସେହିଭଳି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ବ୍ଲୁ ବୁକ ଅନୁଯାୟୀ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଏଥିପାଇଁ ଗୁରୁବାର ପୋଲିସ ପକ୍ଷରୁ କାର୍‌କେଡ୍ ରିହରସାଲ୍ କରାଯାଇଛି। ବିମାନବନ୍ଦରଠାରୁ ରାଜଭବନ ପର୍ଯ୍ୟନ୍ତ ରିହରସାଲ କରାଯାଇଛି।

## ଭୁବନେଶ୍ୱରରେ ଶୁକ୍ରବାର ଦିନ ୧ଟାରୁ ସ୍କୁଲ୍, କଲେଜ ଛୁଟି

ଭୁବନେଶ୍ୱର, ୨୮।୧୧
(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାରଠାରୁ ୩ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ତାଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ଆସିବେ। ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ଡିଜିପି ସମ୍ମିଳନୀ ସହ ବିଭିନ୍ନ ଦିନରେ ଦଳୀୟ ତଥା ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବେ। ତେବେ ଅପରାହ୍ନ ୪ଟା ୨୦ରେ ପ୍ରଧାନମନ୍ତ୍ରୀ ଓ ଏହା ପୂର୍ବରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବେ। ତେଣୁ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଗାଡି ଚଳାଚଳରେ କଟକଣା ଲାଗୁ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଧାଦିନ ଛୁଟି ରହିବ। ଶୁକ୍ରବାର ଅପରାହ୍ନ ୧ଟାରୁ ସ୍କୁଲ ଛୁଟି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲା ଶିକ୍ଷାଧିକାରୀ ଓ ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି।



ଭାଜପା ରାଜ୍ୟ କାର୍ଯ୍ୟାଳୟ ବାହାରେ ମୁତୟନ ହୋଇଥିବା ସୁରକ୍ଷାକର୍ମୀ।

## ଡିଜିପି ସମ୍ମିଳନୀ ପାଇଁ ଟ୍ରାଫିକ୍ କଟକଣା

ଭୁବନେଶ୍ୱର,୨୮।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ୩ ଦିନିଆ ଡିଜି-ଆଇଜି ସମ୍ମିଳନୀ ଲୋକସେବା ଭବନ ସମ୍ମେଳନ କକ୍ଷରେ ହେବାକୁ ଥିବାବେଳେ ଏଥିପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ଭିଭିଆଇପି ଏବଂ ଭିଆଇପିଙ୍କ ସୁରକ୍ଷା ଓ ନିରାପତ୍ତା ଏବଂ ଜନସାଧାରଣଙ୍କ ସୁଗମନାଗମନକୁ ଦୃଷ୍ଟିରେ ରଖି ଭିଡ଼ ନିୟନ୍ତ୍ରଣ ଓ ପାର୍କିଂ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଗୁରୁବାର କଟକଣା ଜାରି କରାଯାଇଛି। ଏହି ଦିନଗୁଡ଼ିକ ପାଇଁ ଭିନ୍ନଭିନ୍ନ ସମୟରେ ପ୍ରମୁଖ ରାସ୍ତାଗୁଡ଼ିକରେ ଗାଡ଼ି ଚଳାଚଳ ଉପରେ ରୋକ ଲଗାଯାଇଛି। ଜାରି କଟକଣା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ୧ରୁ ୨ଟା ପର୍ଯ୍ୟନ୍ତ ଏୟାରପୋର୍ଟ ଛକରୁ ପିଏମ୍‌ଜି ଛକ ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ଚଳାଚଳ କରିପାରିବ ନାହିଁ କିମ୍ବା କୌଣସି ଗଳି ରାସ୍ତାରୁ ସେହି ରାସ୍ତାକୁ ଆସିପାରିବ ନାହିଁ। ସେହିଭଳି ଅପରାହ୍ନ ୪ରୁ ୫ଟା ୨୫ ପର୍ଯ୍ୟନ୍ତ ଏୟାରପୋର୍ଟ ଛକରୁ ହସ୍ପିଟାଲ ଛକ, ରାଜଭବନ ଛକ ରାସ୍ତାକୁ ସମାନ କଟକଣା ଭିତରେ ରଖାଯାଇଛି। ସେହିପରି ସନ୍ଧ୍ୟା ୭ଟା ୩୦ରୁ ରାତି ୮ଟା ୨୦ ପର୍ଯ୍ୟନ୍ତ ଏଜି ଛକ, ରବୀନ୍ଦ୍ର ମଣ୍ଡପ, ୧୨୦ ବାଟାଲିଅନ୍, ଜୟଦେବ ବିହାର ଓ ନାଲ୍‌କୋ ଛକ ରାସ୍ତା ଏବଂ ରାତି ୮ଟା ୨୫ରୁ ୮ଟା ୫୦ ଯାଏ ରାଜଭବନ, ଏଜି, ହାଉସିଂବୋର୍ଡ, ରାମ ମନ୍ଦିର ଓ ମାଷ୍ଟରକାଣ୍ଟିନ ଛକରେ କଟକଣା ଲାଗୁ କରାଯାଇଛି। ଶନିବାର ପାଇଁ ସକାଳ ୬ରୁ ସକାଳ ୮ଟା ୩୦ ଯାଏ ଏଜି ଛକରୁ ରବୀନ୍ଦ୍ର ମଣ୍ଡପ, ୧୨୦ ବାଟାଲିଅନ୍ ଛକ, ଜୟଦେବ ବିହାର, ନାଲ୍‌କୋ ଛକ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରାଯାଇଛି। ସେହିଦିନ ସକାଳ ୮ଟା ୧୦ରୁ ସକାଳ ୮ଟା ୩୦ ଯାଏ ପାୱାର ହାଉସ୍ ଛକରୁ ରାଜଭବନ ଓ ଏଜି ଛକ ରାସ୍ତା, ସନ୍ଧ୍ୟା ୭ଟା ୩୦ରୁ ରାତି ୮ଟା ୧୫ ଯାଏ ଏଜି ଛକରୁ ରବୀନ୍ଦ୍ର ମଣ୍ଡପ, ୧୨୦ ବାଟାଲିୟନ୍, ଜୟଦେବ ବିହାର ଓ ନାଲ୍‌କୋ ଛକ ରାସ୍ତା ଏବଂ ରାତି ୭ଟା ୫୫ରୁ ରାତି ୮ଟା ୨୦ ପର୍ଯ୍ୟନ୍ତ ପାୱାର ହାଉସ୍ ଛକରୁ ରାଜଭବନ, ଏଜି ଛକରାସ୍ତାରୁ ରାଜଭବନ ରାସ୍ତା କଟକଣା ଲାଗୁ କରାଯାଇଛି। ରବିବାର ପାଇଁ ସକାଳ ୬ରୁ ସକାଳ ୮ଟା ୨୦ ଯାଏ ଏଜି ଛକରୁ ରବୀନ୍ଦ୍ର ମଣ୍ଡପ, ୧୨୦ ବାଟାଲିଅନ୍, ଜୟଦେବ ବିହାର ଓ ନାଲ୍‌କୋ ଛକ ରାସ୍ତା, ସକାଳ ୮ଟା ୫ରୁ ସକାଳ ୮ଟା ୨୫ ଯାଏ ପାୱାର ହାଉସ୍ ଛକରୁ ରାଜଭବନ ଓ ଏଜି ଛକରୁ ରାଜଭବନ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରାଯାଇଛି। ସେହିଭଳି ଉକ୍ତ ଦିନ ଅପରାହ୍ନ ୪ଟା ୨୦ରୁ ଅପରାହ୍ନ ୪ଟା ୪୫ ଯାଏ ଏଜି ଛକରୁ ଏୟାରପୋର୍ଟ ଏବଂ ଅପରାହ୍ନ ୫ଟା ୧୫ରୁ ଅପରାହ୍ନ ୫ଟା ୪୦ ଯାଏ ଏଜି ଛକରୁ ଏୟାରପୋର୍ଟ ରାସ୍ତାରେ ସମାନ କଟକଣା ଲାଗୁ କରାଯାଇଛି। ତେବେ ଗୁରୁବାର ଓ ଶୁକ୍ରବାର ଏୟାରପୋର୍ଟ ରେସିଡେନ୍‌ସିଆଲ୍ ଛକରୁ 'ଟି' ଜଙ୍କସନ୍ (ପାଣି ଟାଙ୍କି ଛକ)ମଧ୍ୟରେ କୌଣସି ଗାଡ଼ି ଚଳାଚଳ କରିପାରିବ ନାହିଁ। ତେବେ କଟକଣା ଲାଗୁ କରାଯାଇଥିବା ରାସ୍ତା ନ ଦେଇ ଅନ୍ୟ ବିକଳ୍ପ ରାସ୍ତା ଦେଇ ଯାତାୟାତ କରିବାକୁ ନିର୍ଦ୍ଦେଶନାମାରେ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।



ବିଭିନ୍ନ ଆଲୋକମାଳାରେ ସଜେଇ ହୋଇଥିବା ଭୁବନେଶ୍ୱର।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଆଗମନକୁ ସ୍ୱାଗତ ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା । (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ସଶକ୍ତ ହେବେ ମହିଳା ଶିଳ୍ପୋଦ୍ୟୋଗୀ

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ଆୱାର୍ଡ ଟୁ ରିୱାର୍ଡ' କାର୍ଯ୍ୟକ୍ରମ

ତ୍ରିଶୂଳିଆ,୨୮।୧୧
(ତୁଷାର କାନ୍ତ ବେହେରା)

ରାଜ୍ୟରେ ନାରୀ ସଶକ୍ତୀକରଣ ଓ ମହିଳା ଶିଳ୍ପୋଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ନୀତି ଆୟୋଗ ସହ ହାତ ମିଳାଇଛି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ। ଆୟୋଗର ମହିଳା ଶିଳ୍ପୋଦ୍ୟୋଗୀ ମଞ୍ଚ (ଡବ୍ଲୁଇପି) ସହ ମିଳିତ ଭାବରେ 'ଆୱାର୍ଡ ଟୁ ରିୱାର୍ଡ' ଭଳି କାର୍ଯ୍ୟକ୍ରମର ଆୟୋଜନ ସଫଳତାର ସହ ସମ୍ପନ୍ନ କରିଛି। ସ୍ଥାନୀୟ ମହିଳା ଶିଳ୍ପୋଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଥିଲା ବୁଧବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ସମ୍ପୃକ୍ତ କାର୍ଯ୍ୟକ୍ରମରେ ଡବ୍ଲୁଇପିର ନିର୍ଦ୍ଦେଶିକା ଆନ୍ନା ରାୟ, ବିଶ୍ୱବିଦ୍ୟାଳୟର ସଭାପତି ପ୍ରାଧାପିକା ଡ. ରଞ୍ଜିତା କୁଲକର୍ଣ୍ଣୀ, କୁଳପତି ଡ. ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ ପ୍ରବନ୍ଧକ ପ୍ରାଧାପକ ଅନିଲ ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ଡବ୍ଲୁଇପି ନିର୍ଦ୍ଦେଶିକା ଆନ୍ନା ରାୟ ଯେ କୌଣସି ଉଦ୍ୟୋଗରେ ପ୍ରଥମେ ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଓ କର୍ମଶକ୍ତିର ଆବଶ୍ୟକତା ଥିବା




ଉଲ୍ଲେଖ କରିଥିଲେ। ଏଥିସହ ଡବ୍ଲୁଇପି ମଞ୍ଚରେ ଉପଲବ୍ଧ ସାମଗ୍ରୀ ଓ ଏହାର ବିଶାଳ ନେଟୱର୍କକୁ ବ୍ୟବହାର କରିବାକୁ ଉପସ୍ଥିତ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟର ସଭାପତି ପ୍ରାଧାପିକା ଡ. କୁଲକର୍ଣ୍ଣୀ କହିଛନ୍ତି, ସଫଳ ଉଦ୍ୟମିତା ନିମନ୍ତେ ଇଚ୍ଛା, ଜ୍ଞାନ ଓ କାର୍ଯ୍ୟର ସମନ୍ୱୟ ହେଉଛି ମୂଳମନ୍ତ୍ର। ବିଶ୍ୱବିଦ୍ୟାଳୟର କୁଳପତି ଡ. ତେଜପ୍ରତାପ ମହିଳା ଉଦ୍ୟୋଗୀଙ୍କ ନିମନ୍ତେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କିଭଳି ସକାରାତ୍ମକ ପରିବେଶ ସୃଷ୍ଟି କରିପାରିଛି, ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ବିକଶିତ ଭାରତରେ ମହିଳା ଶିଳ୍ପୋଦ୍ୟୋଗୀଙ୍କ ଭୂମିକା ସମ୍ପର୍କରେ ଉଲ୍ଲେଖ କରିବା ସାଙ୍ଗକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମୂଳମନ୍ତ୍ର ଶିକ୍ଷାଲାଭ, ନେତୃତ୍ୱ ଓ ସେବା ସହ ଏହାକୁ ଯୋଡ଼ିଥିଲେ। କାର୍ଯ୍ୟକ୍ରମରେ 'ଏସ୍‌ଏସ୍‌ୟୁ ଇନୋଭେସନ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବରଦା ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଆକର୍ଷଣୀୟ ଆଇଡିଆ ଜେନେରେସନ ବୁଟ୍ କ୍ୟାମ୍ପ ଆୟୋଜିତ ହୋଇଥିଲା। ଏହି ଅବସରରେ ସାରା ଓଡ଼ିଶାର ବିଭିନ୍ନ ଅଗ୍ରଣୀ ଶିକ୍ଷାନୁଷ୍ଠାନରୁ ବହୁସଂଖ୍ୟାରେ ମହିଳା ବିଦ୍ୟାର୍ଥୀଙ୍କ ସମେତ ଉଚ୍ଚାକାଂକ୍ଷୀ ଶିଳ୍ପୋଦ୍ୟୋଗୀମାନେ ମଧ୍ୟ ଯୋଗ ଦେଇଥିଲେ।

## ଯୁବକଙ୍କୁ ମାଡ଼ ମାରି ମୁହଁରେ ପରିସ୍ରା କରିବା ଘଟଣାରେ ଛାତ୍ର ଗିରଫ

ଭୁବନେଶ୍ୱର,୨୮।୧୧(ସୂର୍ଯ୍ୟକାନ୍ତ ବେହେରା)- ଚାକିରି ଦେବାର ପ୍ରଲୋଭନ ଦେଖାଇ ଜଣେ ଯୁବକଙ୍କୁ ଏକ ପରିତ୍ୟକ୍ତ କୋଠାକୁ ନେଇ ସଂଘବଦ୍ଧ ଭାବେ ମାଡ଼ମାରିବା ସହ ମୁହଁରେ ପରିସ୍ରା କଲେ। ଏପରିକି ଯୁବକଙ୍କୁ ମାଡ଼ ପରେ ତାଙ୍କଠାରୁ ଟଙ୍କା,ଟ୍ୟାବ,ରୁପା ବ୍ରେସ୍‌ଲେଟ ଏବଂ ଗାଡ଼ି ନେଇଗଲେ। ରାଜଧାନୀରେ ଏଭଳି ଘଟଣା ଗତ ୭ତାରିଖରେ ଘଟିଥିବାବେଳେ ପୀଡ଼ିତ ଯୁବକ ସୀତାରାମ ସେଠୀଙ୍କ ଅଭିଯୋଗ ଆଧାରରେ ପୋଲିସ ଜଣେ ଛାତ୍ରଙ୍କୁ ଗିରଫ କରିଛି। ଗିରଫ ଛାତ୍ର ଜଣଙ୍କ ହେଲେ ବଡ଼ଗଡ଼ ଥାନା ଅନ୍ତର୍ଗତ କୋରଡ଼କଣ୍ଟା ଅଞ୍ଚଳର ମଙ୍ଗେସ କୁମାର ମହଲ(୨୦)। ତାଙ୍କଠାରୁ ଗୋଟିଏ ମୋବାଇଲ, ଗୋଟିଏ ସ୍କୁଟି ଜବତ ହୋଇଛି। ତେବେ ଘଟଣାରେ ମଙ୍ଗେସଙ୍କ ୬ ଜଣ ସହଯୋଗୀ ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ତେବେ ଅଭିଯୁକ୍ତ ଛାତ୍ରଜଣଙ୍କ କିଛି ସହଯୋଗୀଙ୍କୁ ନେଇ ଏକ ଗ୍ୟାଙ୍ଗ୍ ଗଠନ କରିଛନ୍ତି। ଉକ୍ତ କୋଠାକୁ ସେମାନେ ସେମାନଙ୍କ ଆଡ୍ଡାସ୍ଥଳ ଭାବରେ ବ୍ୟବହାର କରୁଥିଲେ। ଏପରିକି ନିଶା ସେବନ କରି ସେଠାରେ ଅପରାଧ ଘଟାଇବା ପୂର୍ବରୁ ଯୋଜନା ପ୍ରସ୍ତୁତ କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ।

## ଷ୍ଟ୍ରିଟ୍ ଲାଇଟ୍ ତାରରେ ଲାଗି ଗାଈ ମୃତ | ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ହୋହଲ୍ଲା

ବାରଙ୍ଗ,୨୮।୧୧(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତା କଡ଼ ଷଣ୍ଢପୁର ବଜାର ନିକଟରେ ଷ୍ଟ୍ରିଟ୍ ଲାଇଟ୍‌ର ତାରରେ ଲାଗି ଗୋଟିଏ ଗାଈର ମୃତ୍ୟୁ ହୋଇଛି। ଗୋଡ଼ିସାହି ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା ଯୋଗୁ ଏପରି ଘଟିଲା ବୋଲି ଅଭିଯୋଗ କରି ଗ୍ରାମବାସୀ ଅଧଘଣ୍ଟା କାର୍ଯ୍ୟାଳୟରେ ହୋହଲ୍ଲା କରିଥିଲେ। ପରେ ବିଭାଗୀୟ ଜେଇ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରି ନିୟମାନୁସାରେ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ପରେ ଗ୍ରାମବାସୀ ଫେରିଥିଲେ।

ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ ଷଣ୍ଢପୁର ଗ୍ରାମର ମନୋଜ ବେହେରା ତାଙ୍କର ଗାଈ ଓ ବାଛୁରିକୁ ଖାଇବାକୁ ଦେବା ପରେ ପଡ଼ିଆକୁ ଛାଡ଼ିଥିଲେ। ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତା କଡ଼ରେ ଝୁଲନ୍ତା ଅବସ୍ଥାରେ ଥିବା ଷ୍ଟ୍ରିଟ୍‌ଲାଇଟ୍ ତାରରେ କୌଣସି ମତେ ବିଦ୍ୟୁତ୍ ସଂଯୋଗ ହୋଇଥିଲା। ଫଳରେ ଗାଈଟି ଏହି ତାରରେ ଲାଗିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଗାଈର ମାଲିକ ମନୋଜ ଓ କିଛି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ହୋଇ ବିଦ୍ୟୁତ୍ ବିଭାଗ ଜେଇଙ୍କ ଦାୟିତ୍ୱହୀନତା ଯୋଗୁ ଏପରି ଅଘଟଣ ଘଟିଲା ବୋଲି ଅଭିଯୋଗ ଆଣିଥିଲେ। ପରେ ଗ୍ରାମବାସୀ ଗୋଡ଼ିସାହି ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଇ ସେଠାରେ ପ୍ରାୟ ଅଧଘଣ୍ଟା ହୋହଲ୍ଲା କରିଥିଲେ। ଏନେଇ ବିଦ୍ୟୁତ୍ ବିଭାଗ ଜେଇ ସୂର୍ଯ୍ୟପ୍ରକାଶ ବେଉରା କହିଛନ୍ତି, ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ।




ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ'ରେ ଯୋଗଦେଇ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଶୁ ପ୍ରତିଭାଙ୍କ ସହ ଫୁଟ୍‌ବଲ୍ ଖେଳୁଛନ୍ତି। ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂହଦେଓ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗଦେଇଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୮।୧୧।୨୦୨୪

୨,୯୮,୮୩୩ ଟଙ୍କା

**ସଂକ୍ଷେପରେ**

## ଯୋଗ ପ୍ରାଣାୟାମ ଶିକ୍ଷାକେନ୍ଦ୍ର ଜମିରୁ ଜବରଦଖଲ ଉଚ୍ଛେଦ ଦାବି

ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲର ପଶ୍ଚିମ ପଟ ପାଚେରିକୁ ଲାଗି ଯୋଗ ପ୍ରାଣାୟାମ ଶିକ୍ଷାକେନ୍ଦ୍ର ରହିଛି। ତେବେ କେନ୍ଦ୍ରର କିଛି ଯାଗାକୁ ଅସାମାଜିକ ବ୍ୟକ୍ତି ଅକ୍ତିଆର କରିଛନ୍ତି। ତେଣୁ ଉକ୍ତ ଜମିକୁ କେନ୍ଦ୍ରକୁ ଫେରାଇ ଦେବାକୁ ଯୋଗ ଶିକ୍ଷା ପାଇଁ ଆଗ୍ରହୀ ଥିବା ବ୍ୟକ୍ତିବିଶେଷ ଦାବି କରିଛନ୍ତି। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ଯୋଗ ପ୍ରାଣାୟାମ ଶିକ୍ଷାକେନ୍ଦ୍ର ନାମରେ ୧୯୭୯ ମସିହାରେ ତତ୍କାଳୀନ ଜିଲାପାଳ ଲିଜସୂତ୍ରରେ ୧୪୦ ଡିସିମିଲ ଜମି ପ୍ରଦାନ କରିଥିଲେ। ତେବେ ଉକ୍ତ ଜାଗା ମଧ୍ୟରୁ ପ୍ରାୟ ୫୦ ଡିସିମିଲ ଜାଗା ଜବରଦାଖଲକାରୀଙ୍କ କବଜାରେ ରହିଛି। ଫଳରେ ଯୋଗ ପ୍ରାଣାୟାମ ଶିକ୍ଷା କେନ୍ଦ୍ରର ମୂଳଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ଉକ୍ତ ଜାଗାରୁ ଜବରଦଖଲ ହଟାଇବାକୁ ପ୍ରଶାସନକୁ ଯୋଗ ପ୍ରାଣାୟାମ ଶିକ୍ଷା କେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଇଛି।

## କଣ୍ଠଶିଳ୍ପୀ ଇନ୍ଦିରା ପ୍ରତିହାରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)

ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ଇନ୍ଦିରା ପ୍ରତିହାରୀଙ୍କ ମହାପ୍ରୟାଣ ଉପଲକ୍ଷେ ପୁରୀ ବାରବାଟୀ କଲ୍ୟାଣ ମଣ୍ଡପଠାରେ ଭକ୍ତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଓଡ଼ିଶା ସଙ୍ଗୀତ ସାହିତ୍ୟ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ଶ୍ୟାମାପ୍ରସାଦ ମିଶ୍ର, ବିଭୁପ୍ରସାଦ ମିଶ୍ର, ନିବେଦିତା ପ୍ରତିହାରୀ, ବିଭୁଦାନନ୍ଦ ପଟ୍ଟନାୟକ, ଶିକ୍ଷାବିତ୍ ସୁଚରିତା ପ୍ରତିହାରୀ, ନାଟ୍ୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ପୂଜାପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ବିଭୁଦତ୍ତ ସୁବୁଦ୍ଧିଙ୍କ ସମେତ ଅନେକ ସେବାୟତ, ଜାଗା ଆଖଡ଼ା ମୁଖିଆ, ଶିକ୍ଷାବିତ୍, କଣ୍ଠଶିଳ୍ପୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସଙ୍ଗୀତ ପାଇଁ ରାଜ୍ୟ ପୁରସ୍କାର ପାଇଥିବା ଇନ୍ଦିରା ପ୍ରତିହାରୀ, ଓଡ଼ିଶୀ, ଛାନ୍ଦ,ଚମ୍ପୂ ବିଶେଷକରି ଜାଗାଆଖଡା ସଙ୍ଗୀତର ସୁରକ୍ଷା ଓ ବିକାଶ ପାଇଁ ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଆୟୋଜିତ ଭକ୍ତି ସଂଗୀତ କାର୍ଯ୍ୟକ୍ରମରେ ଗୁରୁ ଉର୍ମିଳା ପ୍ରଧାନ, ବିଜୟ ମହାପାତ୍ର, ଅନ୍ନପୂର୍ଣ୍ଣା ତ୍ରିପାଠୀ, ସତ୍ୟପ୍ରିୟ ମହାପାତ୍ର, ସୁଚରିତା ପ୍ରତିହାରୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ।

# ଆଳୁ ବିହନ କଳାବଜାର, ଚାଷୀଙ୍କୁ ମିଳୁନି

ପିପିଲି, ୨୮।୧୧(ପ୍ରଭାତ କୁମାର ମହାପାତ୍ର)

ଚାଷୀଙ୍କୁ ମିଳୁ ନାହିଁ, ହେଲେ ଖୋଲା ବଜାରରେ ବିକ୍ରି ହେଉଛି କୁଇଣ୍ଟାଲ କୁଇଣ୍ଟାଲ ସରକାରୀ ଆଳୁ ବିହନ। ପିପିଲି ସାତଶଙ୍ଖ ହାଟ ଆଳୁ ଗୋଦାମରେ ସରକାରୀ ଆଳୁ ବିହନ ବିକ୍ରିକୁ ନେଇ ଏବେ ସରକାରୀ ଅଧିକାରୀ ଓ ସରକାରଙ୍କ ଉପରେ ଆଙ୍ଗୁଳି ଉଠାଇଛନ୍ତି ଚାଷୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ। ଗତ କିଛିଦିନ ଧରି ରାଜ୍ୟରେ ଆଳୁ ସଙ୍କଟ ଦେଖାଦେଇଥିବା ବେଳେ ଆଳୁ ଚାଷ ପାଇଁ ସରକାର ଚାଷୀଙ୍କୁ ବିହନ ସୁଲଭ ମୂଲ୍ୟରେ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ଆଳୁ ବିହନ କିଲୋ ପ୍ରତି ୨୦ଟଙ୍କା ହିସାବରେ ପ୍ରତି ଚାଷୀଙ୍କୁ ତିନିବସ୍ତା ଓ ସର୍ବାଧିକ ୫ବସ୍ତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ମାତ୍ର ସରକାରୀ ଆଳୁ ବିହନ ଚାଷୀ ଉଦ୍ୟାନ ବିଭାଗ ଅଫିସ୍ ପରିବର୍ତ୍ତେ ସାତସଙ୍ଖ ବଜାରରେ ଥିବା ଜନୈକ ଗୋଦାମରୁ କିଣୁଥିବାର ଏକ ଭିଡିଓ ଏବେ ନଜରକୁ ଆସିଛି। ସ୍ଥାନୀୟ ଅଞ୍ଚଳର ସୁଦର୍ଶନ ପ୍ରଧାନ ନାମକ ଚାଷୀ ଉକ୍ତ ଗୋଦାମକୁ ଆଳୁ କିଣିବାକୁ ଯାଇଥିବା ବେଳେ ସେଠାରେ ସରକାରୀ ଆଳୁ ବିହନ ପାଖାପାଖି ୩୦ରୁ ଊର୍ଦ୍ଧ୍ୱ ବସ୍ତା ମହଜୁଦ ଥିବା ଦେଖି ଗୋଦାମ ମାଲିକ୍ ସହ କଥା



ଗୋଦାମ ନିକଟରେ ବିଭାଗୀୟ ଉପନିର୍ଦ୍ଦେଶିକା ମଞ୍ଜୁଳା ତ୍ରିପାଠୀ ତଦନ୍ତ କରୁଛନ୍ତି ।

କଟାକଟିର ଭିଡ଼ିଆଲ ପିପିଲିରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ସରକାରୀ ଆଳୁ ବିହନ ଏଠାକୁ ଆସିଲା କିପରି। ଗୋଦାମରେ ଗଚ୍ଛିତ ଥିବା ସରକାରୀ ଆଳୁ ବିହନ ପଛରେ କାହାର ହାତ ରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଂଗ୍ରେସ ନେତ୍ରୀ ନିରୁପମା ପାତ୍ର ଉଦ୍ୟାନ ବିଭାଗକୁ ସିଧାସଳଖ ଟାର୍ଗେଟ କରିଛନ୍ତି। ଖୁଲମଖୁଲା ପିପିଲିରେ ସରକାରୀ ଆଳୁ ବିହନ କଳାବଜାର ହେଉଥିବା ବେଳେ ସରକାର ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ସେହିପରି ଏତେ ପରିମାଣର ଆଳୁ କଳାବଜାର ପଛରେ ବିଭାଗୀୟ କର୍ମଚାରୀଙ୍କ ହାତ ରହିଛି ବୋଲି ପିପିଲି ପୂର୍ବତନ ଆମ୍ବା ଅଧ୍ୟକ୍ଷ ତଥା ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ ଅଭିଯୋଗ କରିଛନ୍ତି। ସେପଟେ ସରକାରୀ ଆଳୁ ସାତଶଙ୍ଖ ବଜାରରେ ବିକ୍ରି ହେଉଥିବା ଖବର ପାଇ ତତ୍ପରତା ଦେଖାଇଛି ଜିଲା ଉଦ୍ୟାନ ବିଭାଗ। ଗୁରୁବାର ସାତସଙ୍ଖ ବଜାରରେ ଥିବା ଆଳୁ ଗୋଦାମରେ ଚଢାଉ କରି ତନାଘନା ଆରମ୍ଭ କରିଛନ୍ତି ଉଦ୍ୟାନ ବିଭାଗର ୫ଜଣିଆ ଟିମ୍। ଅପରାହ୍ନରେ ବିଭାଗୀୟ ଉପନିର୍ଦ୍ଦେଶିକା ମଞ୍ଜୁଳା ତ୍ରିପାଠୀଙ୍କ ନେତୃତ୍ୱରେ ପିପିଲି ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ରଶ୍ମିରେଖା ପଣ୍ଡାଙ୍କ ସହ ୫ ଜଣିଆ ଟିମ୍

**ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ**

ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଚନ୍ତି। ଏହି ସମୟରେ ଗୋଦାମ ବନ୍ଦ ରହିଥିବାରୁ ଗୋଦାମ ମାଲିକ୍ଙ୍କ ସହ ଫୋନ ଯୋଗେ ତଥ୍ୟ ହାସଲ କରିଥିଲେ। ଆଳୁ ଗୋଦାମରେ ରହିଥିବା ଆଳୁ ବିହନ ଜନୈକ ଚାଷୀଙ୍କର ବୋଲି ନିର୍ଦ୍ଦେଶିକା କହିଛନ୍ତି। ଫଳରେ ବିଭାଗର ଦୁର୍ବଳତା ପଦାରେ ପଡ଼ିଛି। ସରକାରୀ ଆଳୁ ବିହନ ଗୋଦାମରେ ଗଛିତ ରଖିଥିବା ଘଟଣାକୁ ଅତି ହାଲୁକା ଭାବେ ନେଇ ପରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ ବିଭାଗୀୟ ଅଧିକାରୀ। ଜିଲାରେ ପ୍ରାୟ ୩୫୦ ହେକ୍ଟର ଆଳୁ ଚାଷ କରିବା ପାଇଁ ଲକ୍ଷ୍ୟ ରହିଥିବା ବେଳେ ୪୫୫୦ କୁଇଣ୍ଟାଲ ଆଳୁ ବିହନର ଆବଶ୍ୟକତା ରହିଛି। ମାତ୍ର ୧୬ଶହ କୁଇଣ୍ଟାଲ ଆଳୁ ବିହନ ଜିଲାକୁ ଆସିଛି ବୋଲି ବିଭାଗୀୟ ଅଧିକାରୀ ତ୍ରିପାଠୀ କହିଛନ୍ତି। ତେବେ ଆଳୁ ଚାଷର ପ୍ରଗତି ପାଇଁ ସରକାର ସ୍ତରରେ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ଆଳୁ ବିହନର କଳାବଜାର ଆଳୁ ଚାଷକୁ ପ୍ରଭାବିତ କରିବ ବୋଲି ଚର୍ଚ୍ଚା ଚାଲିଛି।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ପୁରୀ, ୨୮।୧୧(ଅଜିତ କୁମାର ମହାନ୍ତି)

ସାମାଜିକ କର୍ମୀ ଛଇଲ ସାହୁଙ୍କ ଦ୍ୱାଦଶାହ ଉପଲକ୍ଷେ ତାଙ୍କ ଗ୍ରାମ କଣାସ ବ୍ଲକର ନବଡ଼ାରେ ବୁଧବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୬୫୦ ଜଣ ରୋଗୀ ରକ୍ତଚାପ, ମଧୁମେହ, ଛାତି ରୋଗ (ଇସିଜି) ଓ ଚକ୍ଷୁ ରୋଗର ପରୀକ୍ଷା କରାଇଥିଲେ। ପ୍ରାୟ ୧୫୦ ଜଣ ଛାତିରୋଗ, ୧୬୫ ଜଣ ଚକ୍ଷୁରୋଗ, ୧୦୦ ଜଣ ନିଜର ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗ ଥିବା ଜାଣିବାକୁ ପାଇଥିଲେ। ସ୍ୱର୍ଗତ ସାହୁଙ୍କ ପୁତ୍ର ଦୁଷ୍ମନ୍ତ ସାହୁ କହିଛନ୍ତି, ଏଭଳି ସ୍ୱାସ୍ଥ୍ୟ ଶିବିର କରିବା ନେଇ ତାଙ୍କ ପିତାଙ୍କଠାରୁ ସେ ଅନୁପ୍ରଣିତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିବାବେଳେ ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅଭିନେତ୍ରୀ ଏଲିନା ସାମନ୍ତରାୟ ପ୍ରମୁଖ ପ୍ରଶଂସା କରିଥିଲେ।

## ୟୁନିୟନ ବ୍ୟାଙ୍କରେ ଏସ୍ଏଚ୍ଜି ମେଳା

ଡେଲାଙ୍ଗ,୨୮।୧୧(ରଶ୍ମିରଞ୍ଜନ ପ୍ରଧାନ)

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଡେଲାଙ୍ଗ ଶାଖାରେ ଗୁରୁବାର ଏସ୍ଏଚ୍ଜି ମେଳା ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ନିରଞ୍ଜନ ପଣ୍ଡିତଙ୍କ ସଭାପତିତ୍ୱରେ ସମାବେଶରେ ଡେପୁଟି ଜୋନାଲ ହେଡ୍ ହରିନ୍ଦର ସିଂ ସନ୍ଧୁ ଓ ରିଜୋନାଲ ହେଡ୍ ନିରଞ୍ଜନ ବାରିକ, ଉପଶାଖା ପରିଚାଳକ ମନୋଜ କୁମାର ଦାଶ, ଗ୍ରାମୀଣ ବିକାଶ ଅଧିକାରୀ ରବି କୁମାର, କର୍ମଚାରୀ ଜ୍ୟୋତି କୁମାରୀ, କରମ୍‌ଜିତ ହରିଚନ୍ଦନ, ପ୍ରସନ୍ନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଶାଖା ପରିଚାଳଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଶୁଭଲକ୍ଷ୍ମୀ ସ୍ୱାଇଁ, ସ୍ୱର୍ଣ୍ଣଲତା ଜେନା, ସୁନିତା ଦାସ, ରାଜଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ୨୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଯୋଗଦେଇ ବ୍ୟାଙ୍କରୁ ଋଣ ନେଇ କୁଟିର ଶିଳ୍ପରେ ନିବେଶ କରି ଲାଭବାନ ହେବା ସହିତ ନିଜ ପରିବାରକୁ ଆର୍ଥିକ ସହାୟତା ଯୋଗାଉଥିବା ଓ ସଠିକ ସମୟରେ ଋଣ ପରିଶୋଧ କରିବାରୁ ବ୍ୟାଙ୍କ ମଧ୍ୟ ଲାଭବାନ ହେଉଥିବା ଡେପୁଟି ଜୋନାଲ ହେଡ୍ ସନ୍ଧୁ ମତବ୍ୟକ୍ତ କରିଥିଲେ। ବ୍ୟାଙ୍କ ପକ୍ଷରୁ ୧୩ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧କୋଟି ୫ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା।




ଓଡ଼ିଶାରେ ହେବାକୁ ଥିବା ଡିଜିପି ସମ୍ମିଳନୀ ନେଇ ଗୁରୁବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

## ହଜିବାକୁ ବସିଲାଣି କେନ୍ଦରା ଗୀତ

କଣାସ,୨୮।୧୧(ବିଭୂତି ଭୂଷଣ ତ୍ରିପାଠୀ)

ସମାଜ ଆଧୁନିକତା ଆଡ଼କୁ ଅଗ୍ରସର ହେଉଥିବାବେଳେ ପୁରାତନ ସଂସ୍କୃତି ଓ ପରମ୍ପରା ହଜିବାରେ ଲାଗିଛି। ଯୋଗୀମାନେ ବୋଲୁଥିବା କେନ୍ଦରା ଗୀତ ଆଉ ଶୁଭୁନାହିଁ। ଯାନୁ ଘଣ୍ଟିଆମାନେ ନିଜ ପେଣ୍ଡାରେ ବଡ଼ ଘଣ୍ଟି ବଜାଇ ପର୍ଶୁରାମ ରୂପ ଧାରଣ କରି ଗାଁକୁ ଗାଁ ବୁଲୁଥିବା ଆଉ ସେମିତି ଦେଖିବାକୁ ମିଳୁନାହିଁ। ଗୁରୁବାର ବ୍ରହ୍ମପୁର ନିକଟ ବଜାପଲ୍ଲୀ ଗ୍ରାମର ବାବୁଲି ରାଉଳ (୪୦) ଦୀର୍ଘ ୧୬୦ କିମି ଅତିକ୍ରମ କରି କଣାସ ବଜାରରେ କେନ୍ଦରା ବଜାଇ ଭଜୁକି ନା ରାମ ନାମ ଗୀତ ବୋଲି ଭିକ୍ଷା ମାଗୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ବାବୁଲିଙ୍କୁ ପଚାରିବାରୁ ସେ କହିଥିଲେ, 'ଆମ ଗ୍ରାମରେ ୧୩ ଯୋଗୀ ପରିବାରଙ୍କ ମଧ୍ୟରୁ ମାତ୍ର ୩ ପରିବାର ଏହି ପରମ୍ପରା ଧରିରଖିଛୁ। ଦିନତମାମ ଗାଁକୁ ଗାଁ ବୁଲିଲେ ମାତ୍ର ୪ ଶହରୁ ୫ ଶହ ଟଙ୍କା ଆଦାୟ ହେଉଛି। ସେଥିପାଇଁ ଗ୍ରାମର ଅନ୍ୟ ପରିବାର ଚାକିରି ଓ ବ୍ୟବସାୟ କରୁଥିବାବେଳେ ଏହି ବୃତ୍ତିକୁ ଛାଡ଼ିସାରିଲେଣି ତେଣୁ ରାଜ୍ୟ ସରକାର ଏହି



ପୁରାତନ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ କଳାକାରମାନଙ୍କୁ ଚିହ୍ନଟ କରି ସହାୟତା ଯୋଗାଇଦେବାର ଆବଶ୍ୟକତା ରହିଛି।

## ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର

ଗୋପ,୨୮।୧୧
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକରେ ଗତ ସେପ୍ଟେମ୍ବର ୪ରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କେତେକ ପଞ୍ଚାୟତରେ ମୃତ ବ୍ୟକ୍ତିଙ୍କ ନାଁରେ ଚାଉଳ ଉଠୁଥିବା ନେଇ ଅଭିଯୋଗ ଆସିଥିଲା। ଏ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୂର୍ବତନ ପୁରୀ ଉପଜିଲାପାଳ ଗୋପୀନାଥ କୁଅଁର ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ୨ ମାସ ବିତିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ନେଇ ଅସନ୍ତୋଷ ଦେଖାଦେଇଛି। ଚାଉଳ ଦୁର୍ନୀତି ଘଟଣାରେ ଏହି ବ୍ଲକର ତରକୋର, ଶିମିଳି ଓ ମହଲପଡ଼ା ପଞ୍ଚାୟତ ଆଗରେ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ ବ୍ଲକ ଓ

**ମୃତକଙ୍କ ନାଁରେ ଚାଉଳ ଉଠିବା ଘଟଣା**

କୋଣାର୍କ ବିଜ୍ଞାପିତ ଅଞ୍ଚଳରେ ୪୦,୫୮୯ ରାଶନକାର୍ଡ ସଂଖ୍ୟା ରହିଥିବା ସମୟରେ ଏହି କାର୍ଡରେ ୧,୪୧,୯୩୧ ହିତାଧିକାରୀ ପ୍ରତ୍ୟେକ ମାସରେ ୮୮ ଡିଲର କେନ୍ଦ୍ରରୁ ଚାଉଳ ନେଉଛନ୍ତି। ପ୍ରତ୍ୟେକ ମାସରେ ଗୋପ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ବଣ୍ଟନ କରାଯାଉଥିବା ଚାଉଳ କାର୍ଡରେ ମୃତ ବ୍ୟକ୍ତିଙ୍କ ନାମରେ ଚାଉଳ ଉଠାଣ କରାଯାଉଛି। ଏପରି ଏକ ଗୁରୁତର ଅଭିଯୋଗକୁ ନେଇ ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଆସିବା ପରେ ମଧ ବିଭାଗୀୟ ଯୋଗାଣ ଅଧିକାରୀ ଓ ବିଡିଓଙ୍କ ନୀରବଦ୍ରଷ୍ଟା ସାଜିବା ସମସ୍ତଙ୍କୁ ଚକିତ କରିଛି। ଗୋପ ବ୍ଲକର ତରକୋର ଶିମିଳି, ମହଲପଡ଼ା ଓ ଇଷାଣପୁର ପଞ୍ଚାୟତରେ ରହିଥିବା ରାଶନକାର୍ଡରେ ଅଧିକ ମାତ୍ରାରେ ମୃତ ହିତାଧିକାରୀଙ୍କ ନାମରେ ଚାଉଳ ଉଠାଣ କରାଯାଉଥିବା ଅଭିଯୋଗ ମଧ୍ୟ ହୋଇଛି। ରାଜ୍ୟ ସରକାର ଭୂତ ନାମରେ ଚାଉଳ ଉଠିବା ନେଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହୁଥିବା ବେଳେ ଓ ପ୍ରତ୍ୟେକ ରାଶନ କାର୍ଡ ହିତାଧିକାରୀଙ୍କ ଟିପ ଚିହ୍ନ ନିଆଯିବା ପରେ ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି ଜଣାପଡ଼ିଛି। ଗୋପ ବ୍ଲକରେ ତାହା କିନ୍ତୁ ସୁଧାର ଆସୁ ନ ଥିବା ଜଣାପଡ଼ିଛି। ଏପରି ଏକ ଗୁରୁତର ଅଭିଯୋଗ ସମ୍ପର୍କରେ ନୂତନ ଭାବେ ଯୋଗ ଦେଇଥିବା ବ୍ଲକ ଯୋଗାଣ ନିରୀକ୍ଷକ ରଚିତା ପଣ୍ଡା କହିଛନ୍ତି, ଏପରି ଏକ ଅଭିଯୋଗ ଉପରେ ପ୍ରଥମେ ଦୃଷ୍ଟି ଦେବା ସହିତ କାର୍ଯ୍ୟାନୁଷ୍ଠାନ ନେବି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା



ନିମାପଡ଼ା,୨୮।୧୧(ଶିଶିର ସ୍ୱାଇଁ)

ନିମାପଡ଼ା ବ୍ଲକ ବାହାରଣା ପଞ୍ଚାୟତ ଦିନଇଲୋ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋଚନବାଳା ପ୍ରଧାନଙ୍କ ଅବସର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧାପକ ନାରାୟଣ ଦାଶ, ମୁଖ୍ୟବକ୍ତା ଭାବେ ନୀଳମଣି ସ୍ମୃତି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରମେଶ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପିଙ୍କ ନିମାପଡ଼ା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ଯୋଗଦେଇ ପ୍ରଦୀପ ଜାଳି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସଭାରେ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ କାଳନ୍ଦୀ ଜେନା ସଭାପତିତ୍ୱ କରିଥିବା ବେଳେ ବାହାରଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲିକ ସଭା ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲୋଚନବାଳା ପ୍ରଧାନ ତାଙ୍କର ଚାକିରି ୩୬ ବର୍ଷ ମଧ୍ୟରୁ ୨୧ ବର୍ଷ ଏହି ଦିନଇଲୋ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରି ଚାକିରି ଶେଷ ହୋଇଥିଲା।

ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର, ଶିକ୍ଷୟିତ୍ରୀ ସଂଘମିତ୍ରା ସାହୁ, ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ, ଯୁଧିଷ୍ଠିର ଖଟୋଇ, ଗୋବିନ୍ଦ ଚନ୍ଦ୍ର ଓଝା, ମନୋଜ ଦାଶ, ସନ୍ତୋଷ କୁମାର ଆଚାର୍ଯ୍ୟ, ପ୍ରତାପ କୁମାର ନାୟକ, ପରିଚାଳନା କମିଟିର ସଭାପତି ଈଶ୍ୱର ଚନ୍ଦ୍ର ବରାଳଙ୍କ ସହିତ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)

ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମ୍ବିଧାନ ଦିବସ ଓ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ବିଦ୍ୱତ ପରିଷଦର ସଭାପତି ରମେଶ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ପୁରୁଷୋତ୍ତମ ନାୟକ, ସଭ୍ୟା ଅଞ୍ଜଳି ରଥ, ବିଦ୍ୱତ୍ ପରିଷଦ ସଭ୍ୟ ଅକ୍ଷୟ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଓ ମାତୃଭାରତୀର ସଭ୍ୟାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ, ସମ୍ବର୍ଦ୍ଧନା ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ସମ୍ପାଦକ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ବିଧାନ ଦିବସରେ ଶିଶୁଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା। ଛାତ୍ରୀ ସୁଶ୍ରୀ ଶୁଭଶ୍ରୀ ପ୍ରଧାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସପ୍ତଦଶ ବାର୍ଷିକ କ୍ରୀଡ଼ା ଓ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ, ରଙ୍ଗୋଲି ଓ ପାରମ୍ପରିକ ଭଜନ ପ୍ରତିଯୋଗିତାର ୧୫୦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟା ନମିତାରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ।



ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର ।

## ଧାର୍ଯ୍ୟ ସମୟରେ କାମ ସାରିବାକୁ ନିର୍ଦ୍ଦେଶ

ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)

ଡିସେମ୍ବର ୪ରେ ବ୍ଲୁ ଫ୍ଲାଗ୍ ବିଚ୍‌ରେ ନୌସେନା ଦିବସ ପାଳନ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ। କାର୍ଯ୍ୟକ୍ରମ ଯେପରି ଶୃଙ୍ଖଳିତ ତଥା ସୁରୁଖୁରୁରେ ହେବ ସେ ନେଇ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଗୁରୁବାର ପୂର୍ବାହ୍ନରେ ପୁରୀ ସର୍କିଟ ହାଉସରେ ନୌସେନା ଦିବସ ପାଳନ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେଥିପାଇଁ ସମସ୍ତ ବିଭାଗ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ସମସ୍ତ ବିଭାଗକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ପୂର୍ଣ୍ଣାଙ୍ଗ କରିବାକୁ ସେ କହିଛନ୍ତି। କୌଣସି ବିଭାଗର କିଛି ସମସ୍ୟା ରହୁଥିଲେ, ତାହା ତୁରନ୍ତ ଜିଲାପାଳଙ୍କ ଦୃଷ୍ଟିକୁ ଆଣି ସମାଧାନ କରିବାକୁ ସେ ପରାମର୍ଶ ଦେଇଥିଲେ। ବ୍ୟାରିକେଡ୍ ନିର୍ମାଣ, ରାସ୍ତାଘାଟ ମରାମତି, ପାନୀୟଜଳ,

**ନୌସେନା ଦିବସ ପ୍ରସ୍ତୁତି ନେଇ ପ୍ରଶାସନ ପକ୍ଷରୁ ସମୀକ୍ଷା ବୈଠକ**

ଶୌଚାଳୟ, ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ, ଅଗ୍ନି ନିର୍ବାପକ, ସ୍ୱାସ୍ଥ୍ୟ ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ବେଳାଭୂମି ସ୍ୱଚ୍ଛ ରଖିବାକୁ ଅଧିକ ମାନବ ସମ୍ବଳ ଉପଯୋଗ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସହ ବିକଳ୍ପ ବ୍ୟବସ୍ଥା କରିବାକୁ ଯାଦବ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପାର୍କିଂ ସ୍ଥଳଗୁଡ଼ିକରେ ଆସ୍କା ଲାଇଟ ବ୍ୟବସ୍ଥା କରିବାକୁ ଅଗ୍ନିଶମ ବିଭାଗକୁ କୁହାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଡିଏଫ୍ଓ ବିବେକ କୁମାର, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ନୌସେନାର ବରିଷ୍ଠ ଅଧିକାରୀ ଓ ଜିଲାସ୍ତରୀୟ ବିଭିନ୍ନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖାଦ୍ୟ ପଦାର୍ଥ ବାହାରେ ନ ଫିଙ୍ଗିବାକୁ ନିବେଦନ

ପୁରୀ, ୨୮।୧୧(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଡିସେମ୍ବର ୪ ନୌସେନା ଦିବସରେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଏୟାର ଶୋ' ଅନୁଷ୍ଠିତ ହେବ। ନୌସେନା ପକ୍ଷରୁ ଆକାଶ ମାର୍ଗରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯିବ। ଅନେକ ସମୟରେ ବିମାନ ଉଡ଼ାଣରେ ପକ୍ଷୀମାନେ ବାଧକ ସାଜିଥାନ୍ତି। ତେଣୁ ଏହି ସମୟରେ ସମ୍ପୃକ୍ତ ଅଞ୍ଚଳରେ ପକ୍ଷୀମାନେ ଉଡ଼ିବା ଦ୍ୱାରା ବିମାନଗୁଡ଼ିକ ପାଇଁ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ତେଣୁ ପ୍ରଶାସନ ଓ ନୌସେନା ପକ୍ଷରୁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି, ଯେପରି ସେମାନେ କୌଣସି ଖାଦ୍ୟ ପଦାର୍ଥ କିମ୍ବା ବର୍ଜ୍ୟବସ୍ତୁ ସେମାନଙ୍କ ଘର ଛାତ ଉପରେ କିମ୍ବା ଗଳିକନ୍ଦିରେ ଏୟାର ଶୋ' କାର୍ଯ୍ୟକ୍ରମ ଶେଷ ଅର୍ଥାତ ୪ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ପକାଇବେ ନାହିଁ। ଫଳରେ ପକ୍ଷୀମାନେ

**ଏୟାର ଶୋ' ପାଇଁ ଡ୍ରୋନ୍ ଉଡ଼ାଣ ଉପରେ କଟକଣା**

ଖାଦ୍ୟ ଆକର୍ଷଣରେ ଆସିବେ ନାହିଁ। ବ୍ଲୁ ଫ୍ଲାଗ୍ ବିଚ୍‌ରେ ନୌସେନା ଦିବସ ପାଳନ ଅବସରରେ ନୌସେନାର ଯୁଦ୍ଧ ଜାହାଜଗୁଡ଼ିକ ସାମରିକ କୌଶଳ ପ୍ରଦର୍ଶନ କରିବ। ବୁଧବାରଠାରୁ ନୌସେନାର ଅଭ୍ୟାସ କାର୍ଯ୍ୟକ୍ରମ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଆରମ୍ଭ ହୋଇଯାଇଥିବାରୁ ପ୍ରଶାସନ ପକ୍ଷରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଡ୍ରୋନ ଉଡ଼ାଇବା ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି। ନୌସେନାର ଏହି ଚିତ୍ତାକର୍ଷକ କାର୍ଯ୍ୟକ୍ରମକୁ ଜନସାଧାରଣ ପେଣ୍ଟକଟାଠାରୁ ଷ୍ଟର୍ଲିଂ ପର୍ଯ୍ୟନ୍ତ ବେଳାଭୂମିରେ ଉପସ୍ଥିତ ରହି ଉପଭୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ସଂକ୍ଷେପରେ

### ଭୋଗ ଦୋକାନରେ ଅଗ୍ନିକାଣ୍ଡ

କଟକ,୨୮।୧୧ (କାର୍ତ୍ତିକ ସାହୁ)

କଟକ ଡଗରପଡ଼ା ହନୁମାନ ମନ୍ଦିର ନିକଟରେ ଥିବା ପ୍ରଦୀପ କୁମାର ଦାସଙ୍କ ଭୋଗ ଦୋକାନରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ପୂଜା ସାମଗ୍ରୀ ଜଳି ନଷ୍ଟ ହୋଇଯାଇଛି। ସକାଳ ପ୍ରାୟ ୭ଟାରେ ଉକ୍ତ ଦୋକାନରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ବିଡ଼ାନାସୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ରଶି ଲଗାଇ ବ୍ୟକ୍ତିଙ୍କ ଆତ୍ମହତ୍ୟା

କଟକ ସଦର,୨୮।୧୧(ସୁଶାନ୍ତ କୁମାର ଜେନା)

୪୨ମୌଜା ଥାନା ଅଧୀନ ବସନ୍ତ କୁଣ୍ଡଳ ଗ୍ରାମରେ ବୁଧବାର ରାତିରେ ଜଣେ ବ୍ୟକ୍ତି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅଜୟ ନାୟକ(୪୭)। ଗୁରୁବାର ସକାଳେ ତାଙ୍କ ମୃତଦେହ ଘରର ହୁକରେ ଝୁଲୁଥିବା ପରିବାର ଲେକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୪) ରୁଜୁ କରି ତଦନ୍ତ ଚଳାଇଛି। ଆତ୍ମହତ୍ୟା କାରଣ ଅସ୍ପଷ୍ଟ ରହିଛି।

### ବାର୍ଷିକ ଯଜ୍ଞ ମହୋତ୍ସବ ଉଦ୍‌ଯାପିତ

ଫୁଲନଖରା,୨୮।୧୧(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ନଛିପୁରସ୍ଥିତ ଶୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଥିବା ସିଦ୍ଧେଶ୍ୱର ମହାଦେବଙ୍କ ବାର୍ଷିକ ଯଜ୍ଞ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଠାକୁରଙ୍କ ନୀତିକାନ୍ତି ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରତିଷ୍ଠାନର ମୁଖ୍ୟ ଇଂ. ସୁନୀଲ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡିନ୍ ରଞ୍ଜନ କୁମାର ସାହୁ, ଡ. ଚିତ୍ତରଞ୍ଜନ ପଣ୍ଡା, ଡ. ସରିତା ନାୟକ, ସୁଚିସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଦନ୍ତାହାତୀ ଆକ୍ରମଣରେ ମହିଳା ଗୁରୁତର

ଖୁଣ୍ଟୁଣୀ,୨୮।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୁରୁଡିଝାଟିଆ ପଞ୍ଚାୟତ ସାଉରିଆ ଗ୍ରାମ ନିକଟ କୁକୁଡା ଫାର୍ମ ହାଉସ୍ ଭିତରେ ଗୁରୁବାର ସକାଳେ ଦନ୍ତାହାତୀ ଆକ୍ରମଣରେ ଜଣେ ଆଦିବାସୀ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଗୁରୁଡିଝାଟିଆ ଥାନା ଅଧୀନ ଦଣ୍ଡାପଡିଆ ଗ୍ରାମର କୁନି ଚାମ୍ପିଆ। ଖୁଣ୍ଟୁଣୀ ରେଞ୍ଜ ଅଫିସର ନୀଳମାଧବ ସାହୁଙ୍କ ସୂଚନା ଅନୁଯାୟୀ, କୁନି ଉକ୍ତ ଫାର୍ମରେ ଶ୍ରମିକ ଭାବେ କାମ କରନ୍ତି। ସକାଳେ ସେ ସେଠାରେ ବୁଲୁଥିବାବେଳେ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ଖବରପାଇ ଗୁରୁଡିଝାଟିଆ ସେକ୍ସନ ଫରେଷ୍ଟର ପ୍ରମୋଦ ନାୟକ ଘଟଣାସ୍ଥଳରେ ପହଞ୍ଚି ବନବିଭାଗ ପାଟ୍ରୋଲିଂ ଭ୍ୟାନ୍‌ରେ କୁନିଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ‘୩୦ ତାରିଖ ସୁଦ୍ଧା ବାଲିଯାତ୍ରା ପଡ଼ିଆ ସ୍ୱଚ୍ଛ କର’

କଟକ,୨୮।୧୧ (କାର୍ତ୍ତିକ ସାହୁ)



**ହାଇକୋର୍ଟରେ କଟକ ସହର ସମସ୍ୟା ମାମଲା**

ଉପର ଓ ତଳ ବାଲିଯାତ୍ରା ପଡ଼ିଆ ପ୍ରଦୂଷିତ। ବାଲିଯାତ୍ରା ସରିବା ପରେ ମଧ୍ୟ ଏପର୍ଯ୍ୟନ୍ତ ସଫା ହୋଇନି ପଡ଼ିଆ। କୁଢ଼ କୁଢ଼ ଆବର୍ଜନା ପଡିରହିଛି। ଏହାକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହେବା ସହ ଜିଲାପାଳ ଓ କଟକ ମହାନଗର ନିଗମ(ସିଏମ୍‌ସି) କମିଶନରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ୩୦ ତାରିଖ ସୁଦ୍ଧା ବାଲିଯାତ୍ରା ପଡ଼ିଆକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରିବାକୁ ପଦକ୍ଷେପ ନେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହର ସମସ୍ୟା ମାମଲାର ଶୁଣାଣି ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠରେ ଗୁରୁବାର ହୋଇଛି। ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଲିଯାତ୍ରା ପଡ଼ିଆର ସ୍ୱଚ୍ଛତା ଓ ସହରର ବିଭିନ୍ନ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଐତିହାସିକ କଟକ ବାଲିଯାତ୍ରା ଗତ ଶନିବାରଠାରୁ ସରିଲାଣି। ହେଲେ ଏବେ ବି ଅନେକ ସ୍ଥାନରେ ବାଉଁଶ ବନ୍ଧା ହୋଇ ରହିଛି। ପଡ଼ିଆ ସାରା ଆବର୍ଜନା ପଡିଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଅପରପକ୍ଷରେ ବହୁ ବ୍ୟବସାୟୀ ସେମାନଙ୍କ ପସରା ମେଲାଇ ବସି ରହିବାରୁ ଜିନିଷ କିଣିବାକୁ ଲୋକଙ୍କ ଭିଡ଼ ଜମୁଛି। ବାଲିଯାତ୍ରା ଆୟୋଜନ ଓ ପରିଚାଳନା କରୁଥିବା ଜିଲା ପ୍ରଶାସନ ଏବଂ ସିଏମ୍‌ସିର କୌଣସି ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଚଳିତବର୍ଷ ବାଲିଯାତ୍ରା ସଫେଇ ଦାୟିତ୍ୱ ଜାଗୃତି ନାମକ ସଂସ୍ଥାକୁ ଦିଆଯାଇଥିଲା। ବାଲିଯାତ୍ରା ଉପର ଓ ତଳ ପଡ଼ିଆ ନଭେମ୍ବର ୧୩ରୁ ୩୦ ତାରିଖ ପର୍ଯ୍ୟନ୍ତ ସଫେଇ କରିବା ଲାଗି ନିର୍ଦ୍ଦେଶ ଥିଲା, ଏଥିଲାଗି ୫୨ ଲକ୍ଷ ଟଙ୍କା ଚୁକ୍ତି ମଧ୍ୟ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ଯାତ୍ରା ପଡ଼ିଆର କିଛି ଅଂଶ ମଧ୍ୟ ସଫେଇ ହୋଇନାହିଁ। ପ୍ରଶାସନର କେହି ଅଧିକାରୀ ଏସବୁର ଯାଞ୍ଚ କରୁନାହାନ୍ତି। ଏହାକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଆଭାସି ଜରିଆରେ ହାଜର ହୋଇ ଆସନ୍ତା ୩୦ ତାରିଖ ସୁଦ୍ଧା ଉଭୟ ପଡ଼ିଆକୁ ସ୍ୱଚ୍ଛ କରାଯିବ ବୋଲି କହିଛନ୍ତି। ସଫେଇ ଦାୟିତ୍ୱରେ ଥିବା ଠିକାସଂସ୍ଥା ଓ ସିଏମ୍‌ସି ସଫେଇ କର୍ମଚାରୀ ମିଳିତ ଭାବେ ଦୁଇ ଦିନ ମଧ୍ୟରେ ସଫେଇ କାର୍ଯ୍ୟ ଶେଷ କରିବେ। ଯାତ୍ରା ପଡ଼ିଆରୁ ସମସ୍ତ ଆବର୍ଜନା ଓ ବାଉଁଶ ଖୁଣ୍ଟି ହଟାଯିବା ସହ ଉଠା ଦୋକାନୀଙ୍କୁ ବସିବାକୁ ଦିଆଯିବ ନାହିଁ ବୋଲି ଜିଲାପାଳ ହାଇକୋର୍ଟରେ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ସଫେଇ ସଂସ୍ଥା ନିର୍ଦ୍ଧାରିତ ସମୟ ମଧ୍ୟରେ ସଫେଇ ଶେଷ ନ କରେ, ଚୁକ୍ତି ମୁତାବକ ଅର୍ଥରାଶି କାଟିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଡିସେମ୍ବର ୩ ସୁଦ୍ଧା ଆଡ୍‌ଭୋକେଟ୍ କମିଟି ବାଲିଯାତ୍ରାର ଉଭୟ ପଡ଼ିଆ ଗସ୍ତ କରି ସ୍ୱଚ୍ଛତା ଯାଞ୍ଚ କରିବା ସହ ରିପୋର୍ଟ ପ୍ରଦାନ କରିବା ଲାଗି ହାଇକୋର୍ଟ ଆଦେଶ ଦେଇଛନ୍ତି।



ଐତିହାସିକ କଟକ ବାଲିଯାତ୍ରା ଶନିବାର ଶେଷ ହୋଇଥିଲେ ମଧ୍ୟ ବାଲିଯାତ୍ରା ତଳପଡିଆରେ ଜମି ରହିଥିବା ପଲିଥିନ୍ ଓ ଆବର୍ଜନା।

# ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ପଦକ୍ଷେପ ନିଆଯିବ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟୁଛନ୍ତି ବିଧାୟିକା ସୋଫିଆ ଫିର୍ଦ୍ଦୋସ୍।

କଟକ,୨୮।୧୧(ଶିଲ୍ପା ପ୍ରିୟଦର୍ଶିନୀ)

**ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ବିଧାୟିକା**

କଟକରେ ପର୍ଯ୍ୟଟନସ୍ଥଳର ଉନ୍ନତିକରଣ ଓ ନୂତନ ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଗୁରୁବାର ବିଧାନସଭାସ୍ଥିତ କାର୍ଯ୍ୟାଳୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଭେଟି ଆଲୋଚନା କରିଛନ୍ତି। ବିଶେଷକରି କଟକ ଗଡଖାଇ ହେରିଟେଜ ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ, ତାରକସି ହବ୍ ସ୍ଥାପନ, ଜୁଡିସିଆଲ ଏକାଡେମୀ ଛକର ଉନ୍ନତୀକରଣ, କଟକର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିକୁ ନେଇ ଏକ ସଂଗ୍ରହାଳୟ ନିର୍ମାଣ, ମହାନଦୀରେ ୱାଟର ଫଣ୍ଟ ନିର୍ମାଣ, ପେଟାନାଳ ଓ ଗଡ଼ଗଡ଼ିଆ ଘାଟର ଉନ୍ନତିକରଣ, କଟକର ବିଶିଷ୍ଟ ବ୍ୟକ୍ତିଙ୍କ ନାମରେ ନୂତନ ପାର୍କ ନିର୍ମାଣ, ମଧୁବାବୁଙ୍କ ସମାଧି ପୀଠର ଉନ୍ନତୀକରଣ ଆଦି ବିଷୟରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ସୋଫିଆ ଆଲୋଚନା କରିଥିଲେ। ଏ ସମ୍ପର୍କରେ ସୋଫିଆ କହିଛନ୍ତି, କଟକରେ ପର୍ଯ୍ୟଟନସ୍ଥଳର ବିକାଶ ହେଲେ ସ୍ଥାନୀୟ ଯୁବତୀଯୁବକ ଆତ୍ମନିର୍ଭରଶୀଳ ହୋଇପାରିବେ। ଆଗାମୀ ଦିନରେ ଏଦିଗରେ ପଦକ୍ଷେପ ନିଆଯାଇ କାର୍ଯ୍ୟ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡା ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ



ଅତିରିକ୍ତ ଶ୍ରମ ଅଧିକାରୀ ହଳଧର ବରାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଠିକା କର୍ମଚାରୀ।

ଚୌଦ୍ୱାର,୨୮।୧୧(ଆଶୁତୋଷ ଦାସ)

ବିଭିନ୍ନ ଦାବି ପୂରଣ ପାଇଁ ଚୌଦ୍ୱାର ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ଗୁରୁବାର ସ୍ଥାନୀୟ ସହକାରୀ ଶ୍ରମ କାର୍ଯ୍ୟାଳୟରେ ଅତିରିକ୍ତ ଶ୍ରମ ଅଧିକାରୀ ହଳଧର ବରାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଦୀର୍ଘବର୍ଷ ହେବ କର୍ମଚାରୀମାନେ ନିରନ୍ତର ଭାବେ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଆସୁଥିଲେ ମଧ୍ୟ ସରକାରୀ ନିୟମ ଅନୁଯାୟୀ ଦରମା ପାଉନାହାନ୍ତି। ଏପରି କି ସେମାନଙ୍କୁ ଇପିଏଫ୍, ଇଏସ୍‌ଆଇ ମିଳୁ ନ ଥିବାବେଳେ ଅନ୍ୟାନ୍ୟ ସୁବିଧାସୁଯୋଗ ଠିକାସଂସ୍ଥା ଦ୍ୱାରା ପ୍ରଦାନ କରାଯାଉନାହିଁ। ଫଳରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯିବା ପାଇଁ ସେମାନେ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ। କେବଳ ପ୍ରତିଶ୍ରୁତି ଦେଇ ଠିକାସଂସ୍ଥା ଠକି ଚାଲିଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଫଳରେ ବାଧ୍ୟ ହୋଇ ସେମାନେ ଅତିରିକ୍ତ ଶ୍ରମ ଅଧିକାରୀ ବରାଳଙ୍କୁ ଭେଟି ତୁରନ୍ତ ଦାବି ପୂରଣ ପାଇଁ ଦାବିପତ୍ର ଦେଇଥିଲେ। ଆସନ୍ତା କିଛିଦିନ ଭିତରେ ଠିକାସଂସ୍ଥାର ଅଧିକାରୀଙ୍କୁ ଡାକି ଆଲୋଚନା କରାଯିବା ସହ ସମସ୍ୟା ସମାଧାନ କରାଯିବ ବୋଲି ବରାଳ ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ବିଭାଗର କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପ୍ରମୋଦ ପ୍ରଧାନ, ସିଦ୍ଧାର୍ଥ ବେଉରା, ବିଭୁତି ଭୂଷଣ ପଲେଇ, ଶିବ ପ୍ରଧାନ, ରଞ୍ଜିତ କୁମାର ପ୍ରଧାନ, ହେମନ୍ତ ବିଶ୍ୱାଳ, ଜିତେନ୍ଦ୍ର ପରିଡା, ଅଜୟ କୁମାର ବେହେରା, ଦିଲୀପ କୁମାର ସାହୁ ପ୍ରମୁଖ କହିଛନ୍ତି।

# ଜବାବ ଦାଖଲ ପାଇଁ ବିଧାୟକ ଟଙ୍କଧରଙ୍କୁ ସମୟ ଦେଲେ ହାଇକୋର୍ଟ

କଟକ,୨୮।୧୧(କାର୍ତ୍ତିକ ସାହୁ)

**ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ଅନିୟମିତତା ମାମଲା**

ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ହାଇକୋର୍ଟରେ ଗୁରୁବାର ହୋଇଛି। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ରଙ୍କ କୋର୍ଟ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଆବେଦନକୁ ଗ୍ରହଣ କରି ଜବାବ ଦାଖଲ ପାଇଁ ଆସନ୍ତା ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଏଥିସହ ଟଙ୍କଧରଙ୍କ ନାଁରେ ହୋଇଥିବା ନିର୍ବାଚନ ମାମଲା ଖାରଜ ହେବ କି ନାହିଁ ତାହାର ଶୁଣାଣି ମଧ୍ୟ ଡିସେମ୍ବର ୧୦ରେ ହେବ ବୋଲି ଜଣାଯାଇଛି।

ସୂଚନାନୁସାରେ, ଟଙ୍କଧର ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲବେଳେ ମିଥ୍ୟା ସତ୍ୟପାଠ ଦେଇଥିବା ଦର୍ଶାଇ ପରାଜିତ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ତାଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ଟଙ୍କଧର ଦେଇଥିବା ସତ୍ୟପାଠରେ ଆପରାଧିକ ମାମଲା ସମ୍ପର୍କିତ ତଥ୍ୟ ଲୁଚାଇଛନ୍ତି। ତେଣୁ ତାଙ୍କ ବିଧାୟକ ପଦ ରଦ୍ଦ କରିବା ନିମନ୍ତେ ଦୀପାଳି ପ୍ରାର୍ଥନା କରିଥିଲେ। ମାମଲାର ଜବାବ ରଖିବାକୁ ଟଙ୍କଧରଙ୍କୁ ହାଇକୋର୍ଟ ନୋଟିସ ଜାରି କରିଥିଲେ। ନଭେମ୍ବର ୧୧ ତାରିଖ ସୁଦ୍ଧା ଜବାବ ଦାଖଲ ନିମନ୍ତେ ଟଙ୍କଧରଙ୍କୁ ଶେଷ ସୁଯୋଗ ଦେଇଥିଲେ ହାଇକୋର୍ଟ। ତଥାପି ସେ ଜବାବ ଦାଖଲ କରି ନ ଥିଲେ। ଅପରପକ୍ଷରେ ଦୀପାଳିଙ୍କ ପକ୍ଷରୁ ରୁଜୁ ହୋଇଥିବା ନିର୍ବାଚନ ମକଦ୍ଦମା ଖାରଜ କରାଯାଉ ଓ ଜବାବ ଦାଖଲର ସମୟସୀମା ବୃଦ୍ଧି କରାଯାଉ ବୋଲି ନଭେମ୍ବର ୨୫ରେ ଟଙ୍କଧର ଏକ ଆବେଦନ କରିଥିଲେ। ଟଙ୍କଧରଙ୍କ ନାଁରେ ହୋଇଥିବା ନିର୍ବାଚନୀ ମାମଲା ରଦ୍ଦ ଆବେଦନ ଉପରେ ଜବାବ ରଖିବାକୁ ଆବେଦନକାରୀ ଦୀପାଳି ଦାସଙ୍କୁ ବୁଧବାର ଶୁଣାଣିରେ ହାଇକୋର୍ଟ ଆଦେଶ ଦେଇଛନ୍ତି। ଦୀପାଳି ଦାସଙ୍କ ପକ୍ଷରୁ ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।

# ସିକ୍ୟୁରିଟି ଅର୍ଥ ପାଇବାକୁ ବ୍ଲକ୍ କାର୍ଯ୍ୟାଳୟରେ ଭିଡ଼

କଟକ ସଦର,୨୮।୧୧(ସୁଶାନ୍ତ କୁମାର ଜେନା)

ବିଭିନ୍ନ କାର୍ଯ୍ୟର ସିକ୍ୟୁରିଟି ଅର୍ଥ ପାଇବା ପାଇଁ କଟକ ସଦର ବ୍ଲକ କାର୍ଯ୍ୟାଳୟରେ ଭିଡ଼ ଦେଖିବାକୁ ମିଳିଛି। କାରଣ ନୂଆ ବିଡିଓ ପ୍ରତୀକ୍ କୁମାର ସାହୁ କାର୍ଯ୍ୟରେ ଯୋଗଦେବା ପରେ ଦୀର୍ଘବର୍ଷ ହେବ ଅର୍ଥ ପାଇ ନଥିବା ଲୋକମାନେ ଆଶା ବାନ୍ଧି ପ୍ରତିଦିନ ବ୍ଲକ୍ କାର୍ଯ୍ୟାଳୟକୁ ଆସୁଛନ୍ତି। ହେଲେ ନୂଆ ବିଡିଓଙ୍କଠାରୁ ଲୋକମାନେ କୌଣସି ଆଶ୍ୱାସନା ପାଇପାରୁ ନାହାନ୍ତି। ୨୦୧୪ ମସିହାରୁ ବିଭିନ୍ନ କାର୍ଯ୍ୟକାରୀ ଥିବା ଶ୍ରମିକ ପ୍ରତିନିଧିମାନଙ୍କ ୫ ପ୍ରତିଶତ ଅର୍ଥ ସିକ୍ୟୁରିଟି ଭାବେ ଚୂଡ଼ାନ୍ତ ବିଲ୍‌ରୁ କାଟି ରଖାଯାଇଥିଲା। ଇତିମଧ୍ୟରେ ୧୦ବର୍ଷ ବିତିବାକୁ ବସିଥିଲେ ମଧ୍ୟ ଉକ୍ତ ଅର୍ଥ ମିଳିପାରିନାହିଁ। ଫଳରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ କେତେଜଣ ଲୋକ ରାଜନୈତିକ ପ୍ରଭାବ ବିସ୍ତାର କରି ସିକ୍ୟୁରିଟି ଅର୍ଥ ପାଉଥିବାବେଳେ ନିରୀହ ଲୋକଙ୍କ କଥା କେହି ବୁଝୁ ନାହାନ୍ତି। ଏବେ ସୁଦ୍ଧା ବ୍ଲକ ଅଂଶଧନରେ ବିଭିନ୍ନ କାର୍ଯ୍ୟ ବାବଦକୁ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସିକ୍ୟୁରିଟି ଅର୍ଥ ଜମା ହୋଇରହିଛି। ଏନେଇ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

କଟକ ସଦର,୨୮।୧୧(ସୁଶାନ୍ତ କୁମାର ଜେନା): ୪୨ମୌଜା ଥାନା ଅଧୀନ ଶ୍ରୀକୃଷ୍ଣ ବିହାର ଅଞ୍ଚଳରେ ଗୁରୁବାର ବିଦ୍ୟୁତ୍ ଆଘାତରେ ପ୍ରଶାନ୍ତ ହାଲ୍‌ଦାର୍ ନାମକ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ପଶ୍ଚିମବଙ୍ଗରେ ହୋଇଥିବାବେଳେ ସେ ଶ୍ରୀକୃଷ୍ଣ ବିହାର ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିଲେ। ସେ ନିର୍ମାଣ କାମ ପାଇଁ ବାଉଁଶ ବାନ୍ଧୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୩/୨୪) ରୁଜୁ ହୋଇଛି।

# ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ବାଧ୍ୟତାମୂଳକ

କଟକ,୨୮।୧୧(କାର୍ତ୍ତିକ ସାହୁ)

ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ୧୯୫୬ର ଧାରା ୪(୨) ଅନୁଯାୟୀ ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମୁଖରେ ସ୍ପଷ୍ଟ ଭାବରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ବାଧ୍ୟତାମୂଳକ କରାଯାଇଛି। ଏହି ଆଇନର ଖିଲାପ କଲେ ଉଲ୍ଲଂଘନକାରୀଙ୍କ ବିରୋଧରେ ପ୍ରଥମ ଥର ଖିଲାପ ନିମନ୍ତେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ଥର ଖିଲାପ ପାଇଁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ କରିବା ନିୟମ କରାଯାଇଛି। ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ତଥା ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ବ୍ୟବହାର ନିମନ୍ତେ ଜିଲାର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ନାମଫଳକ ପ୍ରଦର୍ଶନ ଅତ୍ୟନ୍ତ ଜରୁରୀ। ତେଣୁ ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ମାଲିକଙ୍କୁ ଏହି ନିୟମ ପାଳନ ନିମନ୍ତେ ଅନୁରୋଧ କରାଯାଉଛି। ଏହାକୁ ସୁନିଶ୍ଚିତ କରିବା ପାଇଁ ଶ୍ରମ ନିର୍ଦ୍ଦେଶାଳୟର ଅଧିକାରୀ ଓ ଗୃହ ଏବଂ ନଗର ଉନ୍ନୟନ ବିଭାଗର ଅଧିକାରୀଙ୍କୁ ଯାଞ୍ଚ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।




କଟକ ଖ୍ରୀଷ୍ଟ କଲେଜରେ ଗୁରୁବାର ଅନୁଷ୍ଠିତ ଓମେନ୍ ଟ୍ରାଫିକିଂ ସମ୍ପର୍କିତ ପାଠଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

# ସରିଲା କାର୍ତ୍ତିକେଶ୍ୱର ମହୋତ୍ସବ

ମଙ୍ଗୁଳି-ଜଗତପୁର,୨୮।୧୧(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଗରୁଡଗାଁ ପଞ୍ଚାୟତ ଅଧୀନ ବିଶ୍ୱନାହାକାଣୀଠାରେ ୨ ଦିନ ଧରି ଚାଲିଥିବା କାର୍ତ୍ତିକେଶ୍ୱର ମହୋତ୍ସବ ଓ ଭସାଣି ଯାତ୍ରା ଗୁରୁବାର ଶେଷ ହୋଇଛି। ଗରୁଡଗାଁ, ସଫା, କହ୍ନେଇପୁର, ବିଶ୍ୱନାହାକାଣୀ ବଜାର, ହଳଦୀବସନ୍ତ, ତୁଳସୀପୁର ଆଦି ୯ଟି ଗ୍ରାମର ମଣ୍ଡପରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ କାର୍ତ୍ତିକେଶ୍ୱର, ମହାଦେବ, ହରପାର୍ବତୀ ମେଢ଼ ପୂଜା ପାଉଥିଲେ। ଏହି ମେଢଗୁଡିକ ମଣ୍ଡପରୁ ବୁଧବାର ଶୋଭାଯାତ୍ରାରେ ଆସି ହାଟ ପଡିଆରେ ଏକତ୍ରିତ ହୋଇଥିଲା। ସେଠାରେ ଲୋକମାନେ ମେଳଣ ଦେଖିବା ସହ ଚଟ୍‌ପଟି ଖାଦ୍ୟ ଖାଇ ଘରକରଣା ସାମଗ୍ରୀ କିଣିଥିଲେ। ଗୁରୁବାର ଅପରାହ୍ନରେ ଦିଗ୍‌ବଳୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବାପୁଜୀ ମୈତ୍ରୀ କ୍ଲବ୍ ପକ୍ଷରୁ ହାଟ ପଡିଆରେ କାର୍ତ୍ତିକେଶ୍ୱର ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ସୁବୋଧ ସାମଲ, ସମ୍ମାନିତ ଅତିଥି ଭାବେ



ଭସାଣି ପାଇଁ ହାଟ ପଡିଆରେ ଏକତ୍ରିତ ହୋଇଥିବା ମେଢ।

**ଭସାଣିରେ ସାମିଲ ୯ ମେଢ଼**

ସ୍ଥାନୀୟ ସରପଞ୍ଚ ଦୀପ୍ତିମୟୀ ବେହେରା ଯୋଗଦେଇ ମେଢ଼ ମାଲିକଙ୍କୁ ଛନ୍ଦା ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କାର୍ତ୍ତିକେଶ୍ୱର ଯାତ୍ରା ମୁଖପତ୍ର ‘ବନପ୍ରତିମା’ ଉନ୍ମୋଚିତ ହୋଇଥିଲା। ଏହାପରେ ମେଢ଼ଗୁଡ଼ିକୁ କ୍ରମାନ୍ୱୟରେ ଶୋଭାଯାତ୍ରାରେ ନିଆଯାଇ ନିକଟସ୍ଥ ଏକ ପୋଖରୀ ବିସର୍ଜନ କରାଯାଇଥିଲା। ମେଳଣରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଟାଙ୍ଗୀ ଥାନା ପକ୍ଷରୁ ୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା।

# ବରିଷ୍ଠ ନାଗରିକ ବୋଝ ନୁହନ୍ତି, ସମାଜର ପଥ ପ୍ରଦର୍ଶକ

ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ (ଏଲ୍‌ଏଲ୍‌ସି) ଆନୁକୂଲ୍ୟରେ ବରିଷ୍ଠ ନାଗରିକଙ୍କ ଆଇନଗତ ଅଧିକାର ସମ୍ପର୍କିତ ପଦଯାତ୍ରା ଏବଂ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ବିବେକାନନ୍ଦ ଛୋଟରାୟ, ପରିଚାଳନା ସମ୍ପାଦକ ସୁଧିର ମାନସିଂହ, ପ୍ରଫେସର ପତିତପାବନ ଦଳାଇ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରାମଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରା ଟାଉନ ହଲ୍‌ଠାରେ ପହଞ୍ଚିବା ପରେ ଛାତ୍ରୀଛାତ୍ରମାନେ ସମାଜରେ ବରିଷ୍ଠ ନାଗରିକଙ୍କ ଭୂମିକା, ଆଇନଗତ ଅଧିକାର ସମ୍ପର୍କରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ। ସାମ୍ବିଧାନିକ ଅଧିକାର ଧାରା ୪୧ ଅନୁଯାୟୀ ବେକାରୀ, ବୃଦ୍ଧାବସ୍ଥା, ଅସୁସ୍ଥତା, ଅକ୍ଷମ ବରିଷ୍ଠ ନାଗରିକଙ୍କ ସହାୟତା କରିପାରିବେ। ଧାରା ୪୬ରେ ସାମାଜିକ ଅନ୍ୟାୟ, ସମସ୍ତ ପ୍ରକାର ଶୋଷଣରୁ କିପରି ରକ୍ଷା କରିବା ତାହା ଏହି ଧାରାରେ ବର୍ଣ୍ଣନା ରହିଛି। ହିନ୍ଦୁଗ୍ରହଣ ଏବଂ ରକ୍ଷଣାବେକ୍ଷଣ ଅଧିନିୟମ ୧୯୫୬ର ଧାରା ୨୦ରେ ଲିଖିତ ଅଛି ଯେ, କିପରି ପିତାମାତାମାନେ ପ୍ରାକୃତିକ କିମ୍ବା ପୋଷ୍ୟ ସନ୍ତାନଙ୍କ (ଉଭୟ ପୁଅ-ଝିଅ) ଠାରୁ ରକ୍ଷଣାବେକ୍ଷଣ ଦାବି କରିପାରିବେ। ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନଏସଏସ) ଧାରା ୧୪୪ ଅନୁସାରେ ମାତାପିତା ସେମାନଙ୍କ ସନ୍ତାନଙ୍କ ଠାରୁ ରକ୍ଷଣାବେକ୍ଷଣ, ଭରଣ ପୋଷଣ ଦାବି କରିପାରିବେ। ମାତାପିତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଏବଂ କଲ୍ୟାଣ ୨୦୦୭ ଅଧିନିୟମ ଅନୁସାରେ ଧାରା ୨୦ ଅନୁଯାୟୀ ଚିକିତ୍ସା ସୁବିଧା, ଧାରା ୨୧ରେ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସଚେତନତା ଅବଲମ୍ବନ କରାଯିବ। ମହାବିଦ୍ୟାଳୟ ଅଧ୍ୟକ୍ଷ ଛୋଟରାୟ କହିଥିଲେ, ବରିଷ୍ଠ ନାଗରିକଙ୍କୁ ଅପମାନ, ଦୁର୍ବ୍ୟବହାର କରିବା ଉଚିତ ନୁହଁ। କେହି କୌଣସି ସ୍ଥାନରେ ସମସ୍ୟାର ସମ୍ମୁଖୀନ ହେଲେ କଲେଜ ଆଇନ ସହାୟତା କେନ୍ଦ୍ରର ସହଯୋଗ ନେଇପାରିବେ। ବରିଷ୍ଠ ନାଗରିକଙ୍କ ସହାୟତା ପାଇଁ ଟୋଲ ଫ୍ରି ନଂ.୧୦୯୦ ଏବଂ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ଆଇନ ସହାୟତା କେନ୍ଦ୍ର ନଂ.୮୨୪୯୮୭୬୪୫୬କୁ ଯୋଗାଯୋଗ କରିପାରିବେ। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରାମଶଙ୍କର କହିଥିଲେ, ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ। ସେମାନେ ଉପଯୁକ୍ତ ମାର୍ଗଦର୍ଶନ ପ୍ରଦାନ କରିଥାନ୍ତି। ପରିଶେଷ ବୟସରେ ସେମାନଙ୍କୁ ବୃଦ୍ଧାଶ୍ରମରେ ଛାଡିଦେବା କିମ୍ବା ହତାଦର କରିବା ଏକ ଅପରାଧ। କୌଣସି ବରିଷ୍ଠ ନାଗରିକ ସନ୍ତାନଙ୍କ ଦ୍ୱାରା ସମସ୍ୟାରେ ସମ୍ମୁଖୀନ ହେଲେ ଆଇନର ଆଶ୍ରୟ ନେଇପାରିବେ ବୋଲି କହିଥିଲେ।

## ରାସ୍ତାରେ ଖାଲଖମା, ଲୋକେ ହଇରାଣ

ବୋଲଗଡ,୨୮।୧୧(ଦେବବ୍ରତ ହୋତା)



ଜନସାଧାରଣଙ୍କ ସୁଗମ ଯାତାୟାତ ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ ଲୋକେ ହଇରାଣ ହେଉଛନ୍ତି। ବୋଲଗଡ ବ୍ଲକ କଳଙ୍ଗ ପଞ୍ଚାୟତର କଳଙ୍ଗ ଛକଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ପ୍ରାୟ ୮ଶହ ମିଟର ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ରାସ୍ତାରେ ଖାଲଖମା ଯୋଗୁ ପାଣି ଜମି ରହିଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଛାତ୍ରୀଛାତ୍ର ଏବଂ ଫିରିଙ୍ଗିଆ, ନାଉପଡା, ଗୋଡ଼ଭଙ୍ଗା, ଟାଲଣାପଡା ଆଦି ଗ୍ରାମର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାପାର୍ଶ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ ପଡୁଥିବାରୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ହଇରାଣ ହେଉଛନ୍ତି। ଏପରିକି ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଖଣ୍ଡପଡା ବ୍ଲକ ଅଞ୍ଚଳକୁ ଏହି ରାସ୍ତା ସଂଯୋଗ କରୁଥିବା ବେଳେ ଅନେକ ଲୋକ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ତୁରନ୍ତ ଏହି ରାସ୍ତାର ମରାମତି କିମ୍ବା ପୁନଃ ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଆଇନ ସଚେତନତା ଶିବିର



ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)

ତାଲୁକ ଆଇନ ସେବା କମିଟି ଖୋର୍ଦ୍ଧା ପକ୍ଷରୁ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡୁମରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ତାଲୁକ ଆଇନ ସେବା ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ଶିବ ପ୍ରସାଦ ତ୍ରିପାଠୀ, ବିଦ୍ୟାଳୟର ଶିକ୍ଷକ ପ୍ରତାପ କୁମାର ସାହୁ ଅତିଥିଭାବେ ଯୋଗଦେଇଥିଲେ। ପିଲାମାନଙ୍କୁ ଆଦିବାସୀ ଏବଂ ଅନୁସୂଚିତ ଜାତି, ପୋକ୍ସୋ ଆଇନ, ଶିଶୁ ଅଧିକାର, ମହିଳାମାନଙ୍କ ନିରାପତ୍ତା ଆଇନ ବିଷୟରେ ଆଲୋଚନା କରାଯାଇଥିଲା। ପିଲାମାନେ କିପରି ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିବେ ସେନେଇ ବକ୍ତାମାନେ ବକ୍ତବ୍ୟ ରଖିଥିଲେ।

## ଚୋରା କାଠଗାଡ଼ି ଜବତ



ଟାଙ୍ଗୀ,୨୮।୧୧(ରଘୁନାଥ ସାହୁ)

ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଚିଲିକାରେ ପକ୍ଷୀ ସୁରକ୍ଷା ପାଇଁ ପାଟ୍ରୋଲିଂ ଚାଲିଥିବା ବେଳେ ଏକ ଚୋରା କାଠ ଗାଡ଼ି ଜବତ ହୋଇଛି। ବୁଧବାର ରାତିରେ ବିଭାଗୀୟ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହରେ ଏକ ପିକଅପ୍ ଭ୍ୟାନକୁ ଅଟକାଇଥିଲେ। ଗାଡ଼ି ଯାଞ୍ଚ ବେଳେ ଡାଲାର ଉପରେ ମାଛପେଟି ଥିବା ବେଳେ ତଳେ କାଠ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଏହା ପରେ କର୍ମଚାରୀମାନେ ଗାଡି ଜବତ କରିଥିଲେ। ତଦନ୍ତ ପରେ ବନ ବିଭାଗକୁ ହସ୍ତାନ୍ତର କରାଯିବ। ଅନ୍ୟପଟେ ପିକଅପ୍ ଭ୍ୟାନ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ବନ୍ୟପ୍ରାଣୀ ବିଭାଗ ବନପାଳ ଜିତେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଏହି କାଠ ଗାଡ଼ି ଜବତ କରାଯାଇଥିଲା।

## କନିଷ୍ଠ ଯନ୍ତ୍ରୀ ସରିତା ଶତପଥୀଙ୍କ ପରଲୋକ

ବେଗୁନିଆ,୨୮।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସରିତା ଶତପଥୀ(୪୦)ଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସୂଚନା ଅନୁଯାୟୀ, କନିଷ୍ଠ ଯନ୍ତ୍ରୀ ଶତପଥୀ ସବୁଦିନ ପରି ବ୍ଲକ କାର୍ଯ୍ୟାଳୟରୁ କାର୍ଯ୍ୟ ସାରି ଘରକୁ ଯାଇଥିଲେ। ହଠାତ୍ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାରଲୋକେ ତାଙ୍କୁ ବାଙ୍କୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଲକ୍ଷ୍ମୀଧର ସାହୁ ଓ ସହକାରୀ ଯନ୍ତ୍ରୀ ସୁସ୍ମିତା ମିଶ୍ରଙ୍କ ସମେତ ବ୍ଲକ କର୍ମଚାରୀମାନେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଗଣତାନ୍ତ୍ରିକ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିଛି ସମ୍ବିଧାନ

ଖୋର୍ଦ୍ଧା/ ବେଗୁନିଆ/ଟାଙ୍ଗୀ/ ବାଣପୁର,୨୮।୧୧
(ପ୍ରଭାତ ପାଣିଗ୍ରାହୀ/ ହର ପ୍ରସନ୍ନ ପଣ୍ଡା/
ସନ୍ଧ୍ୟାରାଣୀ ମିଶ୍ର/ ରଘୁନାଥ ସାହୁ/ ଦିଲୀପ ସ୍ୱାଇଁ)


ବେଗୁନିଆ କଲେଜରେ ସମ୍ବିଧାନ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

କାଇପଦରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟାପକ ପ୍ରତାପ କିଶୋର ଛୋଟରାୟଙ୍କ ପୌରୋହିତ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପୂର୍ବତନ ଅଧ୍ୟକ୍ଷ ଡ. ଦେବେନ୍ଦ୍ର କୁମାର ମାନସିଂହ ମୁଖ୍ୟ ଅତିଥି, ଡ. ଜଗମୋହନ ପଟ୍ଟନାୟକ, ଅଶୋକ କୁମାର ରାୟସିଂହ ଏବଂ ଅଧ୍ୟାପକ ତରୁଣକାନ୍ତି ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ର ବ୍ୟବସ୍ଥାରେ ସମ୍ବିଧାନ ହେଉଛି ସର୍ବୋଚ୍ଚ ସଂହିତା ବୋଲି କହିଥିଲେ। ଅଧ୍ୟାପିକା ସୁଜ୍ଞାନୀଭଞ୍ଜ ସାମନ୍ତ, ଅନୁପମା ଚମ୍ପତିରାୟ, ଅନିତା ଦାସ, ଅନିତା ପଣ୍ଡା, ସବିତା ବେହେରା, ଅଧ୍ୟାପକ ଜନ୍ମେଜୟ ଚୌଧୁରୀ, ଭୁବନେଶ୍ୱର ନାୟକ, ବଳରାମ ପଶାୟତ, ସୁମନ୍ତ ଦେହୁରୀ ପ୍ରମୁଖ ଯୋଗଦେଇ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ପ୍ରଥମରୁ ସମୂହ ଭାବେ ସମ୍ବିଧାନ ପାଠ କରାଯାଇଥିଲା। ଉପାଧ୍ୟକ୍ଷା ସଚଳା ସାମନ୍ତରାୟ ଅତିଥି ପରିଚୟ ଏବଂ ଅଧ୍ୟାପକ ସୁଧାଂଶୁ ଶେଖର ରଣସିଂହ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ମାନସ କୁମାର ଜୟସିଂହ ଓ ଅଧ୍ୟାପିକା ଡ. ସଂଯୁକ୍ତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ବେଗୁନିଆ କଲେଜରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ 'ହମାରା ସମ୍ବିଧାନ,ହମାରା ସ୍ୱାଭିମାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ବିଧୁଭୂଷଣ ରାଉତ, ଜୟକୃଷ୍ଣ ପାଣିଗ୍ରାହୀ ଏବଂ ରୋନାଲିସା ପାତ୍ର ଉପସ୍ଥିତ ଥିଲେ। ଭାରତରେ ସାମ୍ବିଧାନିକ ଶାସନ ବ୍ୟବସ୍ଥା ଗଣତାନ୍ତ୍ରିକ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିଛି। ଏହା ସଂସ୍କୃତି, ଭାବନା ଏବଂ ବିଶ୍ୱାସ ମଧ୍ୟରେ ପ୍ରତ୍ୟେକ ଭାରତୀୟଙ୍କ ସାମଗ୍ରୀକ ଚେତନାକୁ ଖୋରାକ ଯୋଗାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ସ୍ମୃତିମୟୀ ବସନ୍ତିଆ, ଡ.ସତ୍ୟଜିତ ଦାସ, ଉମେଶ ମହନ୍ତ, ପ୍ରିୟମ୍ବଦା ବେହେରା, ସୁଶ୍ରୀ ସଙ୍ଗୀତା ରଥ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ସୁଭାଷ ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏନ୍‌ଏସ୍‌ଏସ ସ୍ୱେଚ୍ଛାସେବୀ ଆଦିତ୍ୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୀତାଂଶୁ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅତିଥିଭାବେ ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ ରାଉତ, କଲେଜ ପରିଚାଳନା କମିଟି ପୂର୍ବତନ ସଭାପତି ରଘୁନାଥ ସାହୁ, କୁହୁଡ଼ି ଜନତା କଲେଜ ପରିଚାଳନା କମିଟି ସଭାପତି ମନୋଜ ମାନସିଂହ ପ୍ରମୁଖ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ଅଧ୍ୟାପକ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ମହେନ୍ଦ୍ର ପ୍ରଧାନ, ଓମ୍ ପ୍ରକାଶ ପରିଡ଼ା, ସେଖ ସାମଦ କଳାପାହାଡ଼, ଅଧ୍ୟାପିକା କାଜଲ ପରିଡା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ। ସେହିପରି ଚାନ୍ଦପୁର ସତ୍ୟସାଇ ବିଦ୍ୟା ମନ୍ଦିରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅତିଥିଭାବେ ପରିଚାଳନା କମିଟି ସଦସ୍ୟ ବିଜୟ ରାଉତ ଯୋଗଦେଇଥିଲେ। ଅଧ୍ୟକ୍ଷ ଅଜୟ ମଙ୍ଗରାଜ, ଗୁରୁମା' ନିଳୀମା ମହାନ୍ତି, ଭାରତୀ ବିଶ୍ୱାଳ, କ୍ରିଷ୍ଣା ପରିଡା ପ୍ରମୁଖ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ଓ ତର୍କ ପ୍ରତିଯୋଗିତା ହୋଇଥିଲା। ସେହିପରି ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଣାପାଣି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ପରିଚାଳନା କମିଟି ସଦସ୍ୟ ପତିତ ପରିମାଣିକ, ରିତୁ ମଣ୍ଡଳ, ଅଙ୍ଗନୱାଡ଼ି କର୍ମୀ ଭାରତୀ ଦେଇ, ରାଜେଶ୍ୱରୀ ହାଲଦାର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଲଳିତ ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବାଇଧର ବେହେରା ଧନ୍ୟବାଦ ଦେଇଥିଲେ।

ଗୋଦାବରୀଶ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି।ଅଧ୍ୟକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ ଛାତ୍ରୀଛାତ୍ର ସାମୂହିକ ପ୍ରସ୍ତାବନା ପାଠ କରିଥିଲେ। ବିଭାଗୀୟ ମୁଖ୍ୟ ଲକ୍ଷ୍ମୀ ପ୍ରସାଦ ମିଶ୍ର ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପକ ଆଦିତ୍ୟ ସାରଥୀ ବେଦମତ୍ତା ଓ ଗୋଲକ ବେହେରା ସମ୍ବିଧାନ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିଥିଲେ।

## ବିଜ୍ଞାନମେଳାରେ ୪୫ ପ୍ରକଳ୍ପ



ଟାଙ୍ଗୀ,୨୮।୧୧(ରଘୁନାଥ ସାହୁ)

ଟାଙ୍ଗୀ ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିଭାବେ ଓଡ଼ଗାଁ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ସିଆର୍‌ସିସି ଯୋଗେନ୍ଦ୍ର କୁମାର ମାର୍ଥା, ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ବିଜ୍ଞାନ ପ୍ରକଳ୍ପଗୁଡ଼ିକ ବୁଲି ଦେଖିବା ସହ କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ବିଶେଷଭାବେ କୃଷିଭିତ୍ତିକ, ସୌର ଜଗତ, ବିଦ୍ୟୁତ୍ ପ୍ରବାହ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷା ମୋନାଲି ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୩ରେ ବାଲୁଗାଁ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ

ବାଲୁଗାଁ,୨୮।୧୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ବଜାର ଦେଇ ଯାଇଥିବା ୫ ନଂ. ଜାତୀୟ ରାଜପଥ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ ନିମନ୍ତେ ଜବରଦଖଲ ଉଚ୍ଛେଦକାର୍ଯ୍ୟ ଆସନ୍ତା ଡିସେମ୍ବର ୩ ତାରିଖରୁ ଆରମ୍ଭ ହେବ ବୋଲି ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇ ସୂଚନା ଦେଇଛନ୍ତି।

ଚିଲିକା ତହସିଲ ଅଧୀନ ଗୋବର୍ଦ୍ଧନପୁର ମୌଜାଠାରୁ ଆରମ୍ଭ କରି ଶିଙ୍ଗେଶ୍ୱର, ସରଳାପଦର, ବାଲୁଗାଁ, ସାମନ୍ତରାପୁର, ଭେଲେରୀ, ଇଞ୍ଜନପୁର ଏବଂ ଗବପଦର ମୌଜା ପର୍ଯ୍ୟନ୍ତ ଦୀର୍ଘ ୪କି.ମି. ଦୂରତା ରାସ୍ତା ପ୍ରଶସ୍ତୀକରଣ ହେବ। ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଖୋର୍ଦ୍ଧାର କାର୍ଯ୍ୟାଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଚିଲିକା ତହସିଲ ପକ୍ଷରୁ ମାପଚୁପ କାର୍ଯ୍ୟ ଶେଷ ହୋଇ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାୟୀ ଏବଂ ଅସ୍ଥାୟୀ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇଛି। ଗତ ଅକ୍ଟୋବର ୪ରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଉକ୍ତ ଦିନ ଗୋବର୍ଦ୍ଧନପୁର ମୌଜାଠାରୁ ସରଳାପଦର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। କିନ୍ତୁ କୌଣସି କାରଣ ହେତୁ ଉଚ୍ଛେଦ କାର୍ଯ୍ୟକୁ ସାମୟିକ ସ୍ଥଗିତ ରଖାଯାଇଥିଲା। ଇତିମଧ୍ୟରେ ନୂତନ ତହସିଲଦାର ଭାବେ ଘଡେଇ କାର୍ଯ୍ୟରେ ଯୋଗ ଦେବା ପରେ ଉଚ୍ଛେଦ କାର୍ଯ୍ୟ ଆସନ୍ତା ୩ ତାରିଖକୁ ଧାର୍ଯ୍ୟ କରି ଆଇନଶୃଙ୍ଖଳା ଦୃଷ୍ଟିକୋଣରୁ ଅଧିକ ସଂଖ୍ୟାରେ ପୋଲିସ ଫୋର୍ସ ମୁତୟନ ନିମନ୍ତେ ଖୋର୍ଦ୍ଧା ଉପଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏଥିସହ ବୁଧବାର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଏନେଇ ଜନସାଧାରଣଙ୍କୁ ଅବଗତ କରାଯାଇଛି।

## ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଖେଳପଡ଼ିଆରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ କୋରାପୁଟ ଜିଲା ସିମିଳିଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୪–୦ ଗୋଲରେ ଭୁବନେଶ୍ୱର ସ୍ଥିତ ପଟିଆ ଆଚାର୍ଯ୍ୟ ହରିହର ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରିଛି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ଡ.ବିନୋଦିନୀ ମିଶ୍ର, ଉପାଧ୍ୟକ୍ଷ ଡ.ପ୍ରଣବ କିଶୋର ମହାନ୍ତି, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ଡ.ବ୍ରଜ କିଶୋର ସାହୁ, ଡ.ଚକ୍ରଧର ବଳ, ଅଧ୍ୟାପିକା ମାନିନୀ ଜେନା, ନିହାରିକା ବିଶ୍ୱାଳ, ଲଳିତ ମୋହନ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସନ୍ଧ୍ୟା ରଥ ଏବଂ ସେକ୍ ସିରାଜ ସହଯୋଗ କରିଥିବା ବେଳେ ସୁଶାନ୍ତ କୁମାର ମିଶ୍ର, ସୌମେନ ଖୁଣ୍ଟିଆ, ସେକ୍ ଆନ୍ନା, ଭୁଜୁ ମାରାଣ୍ଡି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

## ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଯାଁଳା, ଯଦୁପୁର ବିଜୟୀ

ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସରେ ଯାଁଳା ଏବଂ ଯଦୁପୁର ଟିମ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଅଠାରଙ୍ଗ ଟିମ୍ ୩୮ ରନରେ ପରାଜିତ ହୋଇଥିବା ବେଳେ ମୁକୁନ୍ଦପ୍ରସାଦ ଟିମ୍ ବିଜୟୀ ହୋଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚ୍ ପ୍ରଥମ ମ୍ୟାଚର ବିଜେତା ମୁକୁନ୍ଦପ୍ରସାଦ ଏବଂ ଯାଁଳା ଟିମ୍ ମଧ୍ୟରେ ହୋଇଥିଲା। ଯାଁଳା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪୪ ରନ ସଂଗ୍ରହ କରିଥିଲା। ଜବାବରେ ମୁକୁନ୍ଦପ୍ରସାଦ ଟିମ୍ ୧୨୫ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଯାଁଳା ଟିମ୍ ବିଜୟୀ ହୋଇଛି। ସେହିପରି ତୃତୀୟ ମ୍ୟାଚ୍‌ରେ ବୈଦେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଉଇକେଟ ବିନିମୟରେ ୭୦ରନ ସଂଗ୍ରହ କରିଥିଲା। ଜବାବରେ ଯଦୁପୁର ଟିମ୍ ୧୦ ଓଭରରେ ୪ ଉଇକେଟ ବିନିମୟରେ ୭୧ରନ ସଂଗ୍ରହ କରି ବିଜୟୀ ହୋଇଛି। ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଶ୍ରଦ୍ଧାକର ପାତ୍ର ଏବଂ ପ୍ରୀତିରଞ୍ଜନ ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରୀତିରଞ୍ଜନ ବିଜୟସିଂ ଏବଂ କାଜଲ ବଳିୟାରସିଂହ ମ୍ୟାଚ ରେଫରିଭାବେ ଦାୟିତ୍ୱ ତୁଲାଇଥିଲେ। ରଞ୍ଜନ ବରାଳ, ରାକେଶ ପାତ୍ର ଓ ଆଶୀର୍ବାଦ ମହାରଣା ସ୍କୋରରଭାବେ ଦାୟିତ୍ୱ ତୁଲାଇଥିଲେ। ବନବିହାରୀ ସ୍ୱାଇଁ ଏବଂ ଅବ୍ୟକ୍ତ ହରିହର ଖାଡଙ୍ଗା ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ଅକ୍ଷୟ ବଳିୟାରସିଂହ, ନରୋତ୍ତମ କହଲସିଂ ଏବଂ କରୁଣାକର ସାମନ୍ତରାୟ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ତିନୋଟି ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ପ୍ରଥମ ମ୍ୟାଚ ମେଣ୍ଢାଶାଳ ଏବଂ ତମାଣ୍ଡୋ, ଦ୍ୱିତୀୟ ମ୍ୟାଚ୍ ପ୍ରଥମ ମ୍ୟାଚର ବିଜେତା ଏବଂ କୁମାରବସ୍ତ ଟିମ୍, ତୃତୀୟ ମ୍ୟାଚ୍ ଭାଲିଆବାଡ଼ି ଏବଂ ସୁଆଙ୍ଗ ମଧ୍ୟରେ ହେବ ବୋଲି ଦୁର୍ଯ୍ୟୋଧନ ପରିଡ଼ା କହିଛନ୍ତି।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ଶ୍ରୀଜଗନ୍ନାଥ ମହୋତ୍ସବ ପଞ୍ଚମ ସନ୍ଧ୍ୟା

ଟାଙ୍ଗୀ/ନିରାକାରପୁର, ୨୮।୧୧
(ରଘୁନାଥ ସାହୁ/ ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଦୋଳପଡ଼ିଆ ଠାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ମହୋତ୍ସବର ଗୁରୁବାର ଥିଲା ପଞ୍ଚମ ସନ୍ଧ୍ୟା। ଏହି ଦିବସରେ ଶ୍ରୀକ୍ଷେତ୍ରର ମା'ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ସେବାୟତ ଭବାନୀ ପ୍ରସାଦ ଦାସମହାପାତ୍ର, ଶକ୍ତିପ୍ରସାଦ ଦାସମହାପାତ୍ର, ଏବଂ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ଘଣ୍ଟନାଦ ସହ ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଅନୁରୂପଭାବେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଘୋଡ଼ାନାଚ ପରିବେଷଣ କରାଯାଇଥିଲା। ସେହିପରି ସାଧୁସନ୍ଥଙ୍କ ଦ୍ୱାରା ଶ୍ରୀଜଗନ୍ନାଥ କଥାମୃତ ଉପରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ମହାପ୍ରଭୁଙ୍କ ୨୪ବେଶ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ.ସଞ୍ଜୟ କୁମାର ପଟ୍ଟନାୟକଙ୍କ ସମେତ ଧୀରେନ୍ଦ୍ର ବେହେରା, ଲକ୍ଷ୍ମୀଧର ବେହେରା, ଅଜୟ ବେହେରା, ପ୍ରଦୀପ କୁମାର ପାତ୍ର, ଦେବେନ୍ଦ୍ର ବେହେରାଙ୍କ ପ୍ରମୁଖ ସହଯୋଗ କରିଥିଲେ।


ଶ୍ରୀଜଗନ୍ନାଥ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ସଂକ୍ଷେପରେ**

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ଅନୁଷ୍ଠିତ ହୋଇଛି। ଏଥିଯୋଗୁ କିଛି ସମୟ ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ସୂଚନା ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ସରିବା ପରେ ଭକ୍ତଙ୍କୁ ଭିତରକାଠ ନିକଟରୁ ଦର୍ଶନ ନିମନ୍ତେ ଛଡ଼ାଯାଇଥିଲା। ଦର୍ଶନ ସମୟରେ ଜଣେ ଶିଶୁ ଭିତରକାଠ ଉପରେ ବାନ୍ତି କରିଦେଇଥିଲେ। ଏହା ସେବାୟତଙ୍କ ଦୃଷ୍ଟିଗୋଚର ହେବା କ୍ଷଣି ସମସ୍ତ ନୀତି ଓ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ପରେ ବଡ଼ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ଧୁଆଧୋଇ ହୋଇ ମଧ୍ୟାହ୍ନ ୧୨ଟା ୪୦ରେ ଚୂନପାଣି ପଡ଼ିଥିଲା। ୧୨ଟା ୫୫ରେ ସିଂହାସନ ଧୁଆ, ଅପରାହ୍ନ ୧ଟା ୩୦ରେ ମହାସ୍ନାନ ପୂଜା ଆରମ୍ଭ ହୋଇ ୧ଟା ୪୫ରେ ସମ୍ପନ୍ନ ହୋଇଥିଲା। ୧ଟା ୫୦ରେ ମଇଲମ ସରିଥିଲା। ଏହାପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

## ୧୪ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୨୮।୧୧ (କାର୍ତ୍ତିକ ସାହୁ)**

କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା କମିଟି ପରିସରରେ ଆସନ୍ତା ଡିସେମ୍ବର ୧୪ ତାରିଖ ପୂର୍ବାହ୍ନ ୧୦ଟାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମାମଲା ଯଥା ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ବିବାଦ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରି ମାମଲାର ଆପୋସ ସହମତିରେ ସମାଧାନ କରାଯାଇପାରିବ। ଜନସାଧାରଣ ଏହାର ସୁଯୋଗ ନେବା ପାଇଁ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରସ୍ତୁତିର ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି

**ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)**

ଆସନ୍ତା ୪ ତାରିଖରେ ପୁରୀ ବେଳାଭୂମିରେ ନୌସେନା ଦିବସ ପାଳନ ହେବାକୁ ଯାଉଛି। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗଦେବେ। ସେହିପରି ନୌସେନା ପକ୍ଷରୁ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରାଯିବ। ଉକ୍ତ ଦିନ ପୁରୀବାସୀ ପ୍ରଶାସନକୁ ସହଯୋଗ କରିବା ନିମନ୍ତେ କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂ ମୀନା ଅନୁରୋଧ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ଥାନୀୟ ବାସିନ୍ଦାଙ୍କ ସହ ପୋଲିସ ପ୍ରଶାସନ ଆଲୋଚନା କରିଥିଲା। ପୁରୀବାସୀଙ୍କ ନିମନ୍ତେ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ମୀନା ଅବଗତ କରାଇଥିଲେ। ସେହିପରି ଆସନ୍ତା ୨ତାରିଖରେ ହେବାକୁ ଥିବା ଅଭ୍ୟାସ ଓ ୪ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ପରିବାର ସହ ବେଳାଭୂମି ଯାଇ ଦେଖିବାକୁ ଡିଆଇଜି ମୀନା କହିଛନ୍ତି।

# ଭୁବନେଶ୍ୱର ସର୍କଲରେ କମିଲେ ହାତୀ

### ପୂର୍ବ ଗଣନାରେ ଥିଲେ ୧୪୦, ଶୀତଦିନିଆ ଗଣନାରେ ୧୨୦



**ଭୁବନେଶ୍ୱର, ୨୮।୧୧ (ବନ୍ଦନା ସେଠୀ)**

ବନ ବିଭାଗ ପକ୍ଷରୁ ରାଜ୍ୟରେ ହୋଇଥିବା ପ୍ରଥମ ଶୀତକାଳୀନ ହାତୀ ଗଣନା ରିପୋର୍ଟ ଗୁରୁବାର ପ୍ରକାଶ ପାଇଛି। ଚଳିତବର୍ଷ ମେ'ରେ ହୋଇଥିବା ଗଣନାରେ ହାତୀ ସଂଖ୍ୟା ୨୦୯୮ ଥିବାବେଳେ ନୂତନ ଗଣନା ରିପୋର୍ଟରେ ହାତୀ ସଂଖ୍ୟା ୨୧୦୩ ରହିଛି। ତେବେ ଗତ ୬ମାସ ମଧ୍ୟରେ ରାଜ୍ୟରେ ଆଉ ୫ ହାତୀ ବୃଦ୍ଧି ପାଇଥିବାବେଳେ ଭୁବନେଶ୍ୱର ସର୍କଲରେ ହାତୀ ସଂଖ୍ୟା ପୂର୍ବାପେକ୍ଷା କମିଛି। ପୂର୍ବ ଗଣନାରେ ଭୁବନେଶ୍ୱର ସର୍କଲରେ ମୋଟ୍ ୧୪୦ଟି ହାତୀ ରହିଥିଲେ। ନୂତନ ଗଣନା ରିପୋର୍ଟରେ ଏହି ସଂଖ୍ୟା ୧୨୦କୁ ଖସି ଆସିଛି। ଭୁବନେଶ୍ୱର ସର୍କଲ ଅନ୍ତର୍ଗତ ଚନ୍ଦକା ୱାଇଲ୍ଡଲାଇଫ୍‌ରେ ୪୫ଟି ହାତୀ ଥିବାବେଳେ ଏବେ ଏଠାରେ ୪୦ଟି ହାତୀ ରହିଛନ୍ତି। ସେହିପରି ଖୋର୍ଦ୍ଧା ଡିଭିଜନରେ ୬୩ରୁ ହାତୀଙ୍କ ସଂଖ୍ୟା ୪୩କୁ ଖସିଛି। ତେବେ ନୟାଗଡ଼ ଡିଭିଜନରେ ହାତୀ ସଂଖ୍ୟା ୩୨ରୁ ୩୭କୁ ବୃଦ୍ଧି ପାଇଛି। ଏହି ୩ଟି ଡିଭିଜନରେ ମୋଟ ୨୫ ଦନ୍ତା ହାତୀ, ଗୋଟିଏ ମାଖନା ହାତୀ, ୩୬ ମାଈହାତୀ, ୬ ଅପ୍ରାପ୍ତବୟସ୍କ ଦନ୍ତା ହାତୀ, ୨ ଅପ୍ରାପ୍ତବୟସ୍କ ମାଖନା ହାତୀ, ୯ ଅପ୍ରାପ୍ତବୟସ୍କ ହାତୀ, ୧୪ କିଶୋର ହାତୀ ଏବଂ ୨୭ଟି ଛୁଆହାତୀ ରହିଛନ୍ତି। ଭୁବନେଶ୍ୱର ସର୍କଲ ଅଧୀନରେ ଥିବା ବାକି ଡିଭିଜନ ଯଥା ଭଦ୍ରକ ୱାଇଲ୍ଡଲାଇଫ୍, ଚିଲିକା ୱାଇଲ୍ଡଲାଇଫ୍, ସିଟି ଫରେଷ୍ଟ, ପୁରୀ ୱାଇଲ୍ଡ ଲାଇଫ୍ ଏବଂ ରାଜନଗର ୱାଇଲ୍ଡଲାଇଫ୍‌ରେ ଗୋଟିଏ ହେଲେ ବି ହାତୀ ନ ଥିବା ରିପୋର୍ଟରୁ ଜଣାପଡିଛି।

## ଗୋଡ଼ିବାରିରେ ଗଠନ ହେବ 'ସେଣ୍ଟର ଫର୍ ସ୍ପେସିସ୍ ସର୍ଭାଇଭାଲ୍'

**ଭୁବନେଶ୍ୱର, ୨୮।୧୧ (ବନ୍ଦନା ସେଠୀ)**

### ହାତୀ ସୁରକ୍ଷା ପାଇଁ ଏଲ୍‌ଓଏ ସ୍ୱାକ୍ଷରିତ

ଓଡ଼ିଶାରେ ଥିବା ଏସୀୟ ହାତୀମାନଙ୍କ ସୁରକ୍ଷା ପାଇଁ ଆଇୟୁସିଏନ୍, ଏସ୍‌ଏସ୍‌ସି ଏସିଆନ୍ ଏଲିଫ୍ୟାଣ୍ଟ ସ୍ପେଶାଲିଷ୍ଟ ଗ୍ରୁପ୍, ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଏବଂ କଲୋମ୍ବସ୍ ଜୁ ଆଣ୍ଡ ଆକ୍ୱାରିୟମ୍‌ର ମିଳିତ ସହଯୋଗରେ ଭୁବନେଶ୍ୱର ଚନ୍ଦକା ୱାଇଲ୍ଡଲାଇଫ ଡିଭିଜନ୍ ଅନ୍ତର୍ଗତ ଗୋଡିବାରିଠାରେ ସେଣ୍ଟର ଫର୍ ସ୍ପେସିସ୍ ସର୍ଭାଇଭାଲ୍ ଗଠନ ହେବ। ଏଥିପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗୃହୀତ ହୋଇଛି। ଏନେଇ ଆଇୟୁସିଏନ୍ ସ୍ପେସିସ୍ ସର୍ଭାଇଭାଲ୍ କମିଶନ, ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ସିଇଓ ଏବଂ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ ମଧ୍ୟରେ ଲେଟର ଅଫ୍ ଏଗ୍ରିମେଣ୍ଟ (ଏଲ୍‌ଓଏ) ସ୍ୱାକ୍ଷରିତ ହୋଇଛି। ଏଥିସହ ଏହି ସେଣ୍ଟରର ପରିଚାଳନା ପାଇଁ ଏକ ଗଭର୍ନିଂ କାଉନ୍‌ସିଲ୍ ଗଠନ କରାଯାଇଛି। ଏଥିରେ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ଅଧକ୍ଷ ରହିଥିବାବେଳେ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ (ୱାଇଲ୍ଡଲାଇଫ୍), ଷ୍ଟେଟ୍ ୱାଇଲ୍ଡଲାଇଫ୍ ହେଡ୍‌କ୍ୱାର୍ଟର୍ସ ଭୁବନେଶ୍ୱର ସର୍କଲର ରିଜିଓନାଲ୍ ସିସିଏଫ୍, ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଇଡି/ସିଇଓ, ରିଜିଓନାଲ ଫ୍ୟାସିଲେଟର, ଚନ୍ଦକା ୱାଇଲ୍ଡଲାଇଫ୍ ଡିଭିଜନ୍ ଡିଏଫ୍‌ଓ ସଦସ୍ୟ ରହିବେ। ସେହିପରି ଆଇୟୁସିଏନ୍ ଏସ୍‌ଏସ୍‌ସି ଏସିଆନ୍ ଏଲିଫ୍ୟାଣ୍ଟ ସ୍ପେଶାଲିଷ୍ଟ ଗ୍ରୁପ୍‌ର ପ୍ରୋଗ୍ରାମ ମ୍ୟାନେଜର ସଦସ୍ୟ ଆବାହକ ରହିବେ ବୋଲି ସୂଚନା ଦିଆଯାଇଛି।



କଟକ କଳାବିକାଶ କେନ୍ଦ୍ରରେ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଫେଷ୍ଟିଭାଲର ଗୁରୁବାର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଓ ଅନ୍ୟମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ମୁଗ୍ଧ କଲା ଭାରତନାଟ୍ୟମ୍

**କଟକ, ୨୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

### ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଫେଷ୍ଟିଭାଲ ଉଦ୍‌ଘାଟିତ

କଟକସ୍ଥିତ କଳାବିକାଶ କେନ୍ଦ୍ରରେ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଫେଷ୍ଟିଭାଲ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶୀ ନୃତ୍ୟଗୁରୁ ମୀରା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ସମ୍ମାନିତ ଅତିଥି ଭାବେ ଷ୍ଟିଲ୍ ଆଣ୍ଡ୍ ମାଇନ୍ସର ଅତିରିକ୍ତ ସଚିବ ଅରୁଣ କୁମାର ବେହେରା, କେଭିକେର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା କଳାକୁ ସର୍ବସମ୍ମୁଖରେ ଆଣିବାରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଠିକ୍ ସେହିପରି ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଗୁଞ୍ଜନ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୁରୁ ମୀରା ଦାସଙ୍କ ନିର୍ଦ୍ଦେଶନାରେ ଗୁଞ୍ଜନ ପକ୍ଷରୁ ଓଡ଼ିଶୀ ନୃତ୍ୟରେ 'ଜଗନ୍ନାଥ ମଙ୍ଗଳମ' ପରିବେଷିତ ହୋଇଥିଲା। ସେହିପରି ବେଙ୍ଗାଲୁରୁର ନୃତ୍ୟଶିଳ୍ପୀ ପ. ପ୍ରବୀଣ କୁମାର ଓ ତାଙ୍କ ଦୁଇ ସାଥୀ ମୀନାକ୍ଷୀ ଖ୍ରୀଷ୍ଟସ, ରିୟା ସ୍ୱାମୀନାଥନ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ପରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀ ବିଦ୍ୟା ବିଶ୍ୱଜିତା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଏକାଡେମୀର ଅନ୍ୟ ନୃତ୍ୟଶିଳ୍ପୀମାନେ ନୃତ୍ୟ ମାଧ୍ୟମରେ 'ଶ୍ରୀ ଗଣେଶ' ଓ 'ନାଚନ୍ତି ରଙ୍ଗେ ଶ୍ରୀହରି' ପରିବେଷଣ କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା ଓ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ସଭାପତି ଗାୟତ୍ରୀ ଦାସ ଧନ୍ୟବାଦ ଦେଇଥିଲେ।



ନୃତ୍ୟଶିଳ୍ପୀ ପ. ପ୍ରବୀଣ କୁମାର ଓ ସାଥୀ କଳାକାର ଭାରତନାଟ୍ୟମ୍ ପରିବେଷଣ କରୁଛନ୍ତି।

### କଟକ ମାଟି ସମ୍ପୂର୍ଣ୍ଣ ନିଆରା



ମୁଁ ଏବଂ ମୋର ଦୁଇ ଶିଷ୍ୟ ପ୍ରାୟ ୩୦ ମିନିଟ୍ ଧରି ଭାରତନାଟ୍ୟମ ନୃତ୍ୟ ପରିବେଷଣ କରିଥିଲୁ। ଗୁରୁ ନର୍ମଦା ଓ ପ୍ରବୀଣଙ୍କଠାରୁ ଭାରତନାଟ୍ୟମ ନୃତ୍ୟ ଶିକ୍ଷାଲାଭ କରିଛି। ପ୍ରାୟ ୩୦ ବର୍ଷ ହେବ ବିଭିନ୍ନ ସ୍ଥାନରେ ଏହି ନୃତ୍ୟ ପରିବେଷଣ କରୁଛି। ପୂର୍ବରୁ ଭୁବନେଶ୍ୱର ଓ କୋଣାର୍କରେ ଏହି ନୃତ୍ୟ କରିଛି। କଟକ ମାଟି ସମ୍ପୂର୍ଣ୍ଣ ନିଆରା। ଏଠାରେ ପ୍ରଥମଥର ନୃତ୍ୟ ପରିବେଷଣ କରି ଖୁସି ଲାଗୁଛି।

- ପି. ପ୍ରବୀଣ କୁମାର, ନୃତ୍ୟଶିଳ୍ପୀ

## ଭାଗଚାଷୀ ଆନ୍ଦୋଳନରେ ଚମ୍ପାବତୀଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ ଥିଲା

**ଭୁବନେଶ୍ୱର,୨୮।୧୧(ବନ୍ଦନା ସେଠୀ)**

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ଗଙ୍ଗାଧର ପାଇକରାୟଙ୍କ ସ୍ତ୍ରୀ ଚମ୍ପାବତୀ ପାଇକରାୟଙ୍କ ୨୫ତମ ସ୍ମୃତିସଭା ଖାରବେଳ ନଗରସ୍ଥିତ ଗଙ୍ଗାଧର ଭବନରେ ଅନୁଷ୍ଠିତ ହୋଇଯାଇଛି। କମ୍ୟୁନିଷ୍ଟ ନେତା ପ୍ରଫୁଲ୍ଲ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମ ଏବଂ ଭାଗଚାଷୀ ଆନ୍ଦୋଳନରେ ଚମ୍ପାବତୀଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ। ଆନ୍ଦୋଳନରେ ସହଯୋଗ କରିବା ପାଇଁ ଚମ୍ପାବତୀ କିଭଳି ମହିଳାମାନଙ୍କୁ ଏକଜୁଟ କରୁଥିଲେ ତାହା ବର୍ଣ୍ଣନା କରିଥିଲେ। ସାମାଜିକ କର୍ମୀ ଗୌରୀଶଙ୍କର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, ତ୍ରିଲୋଚନ ମହାନ୍ତି, ପୀତବାସ ମାନସିଂ, ଭରତ ସାହୁ, ପ୍ରଶାନ୍ତ ପାଇକରାୟ, ଭାରତ ପାଣିଗ୍ରାହୀ, କୈଳାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିରଞ୍ଜନ



@ ଅବିନାଶ



@ ଆଶିଷ



@ ପ୍ରସନ୍ନ



@ ଉମାଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଧ୍ୟାହ୍ନଭୋଜନ ଖାଇ ୨୧ ଛାତ୍ରୀଛାତ୍ର ଅସୁସ୍ଥ

**ବ୍ରହ୍ମଗିରି,୨୮।୧୧(ସ୍ୱାଧିନ ଚମ୍ପତିରାୟ)**

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଡିମିରିସେଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନଭୋଜନ ଖାଇ ୨୧ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ୮୧ ଜଣ ଛାତ୍ରୀଛାତ୍ର ପାଠ ପଢନ୍ତି। ସବୁଦିନ ଭଳି ଗୁରୁବାର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦିଆଯାଇଥିଲା। ମଧ୍ୟାହ୍ନ ଭୋଜନ ଖାଇବାର କିଛି ସମୟ ପରେ ଚତୁର୍ଥ ଶ୍ରେଣୀ ଛାତ୍ର ରୁଦ୍ରପ୍ରସାଦ ନନ୍ଦ, ଛାତ୍ରୀ ସୁଜାତାମୟୀ ଭୋଇ, ପଞ୍ଚମ ଶ୍ରେଣୀ ଛାତ୍ରୀ ମିକି ସ୍ୱାଇଁ ବାନ୍ତି କରି ଅସୁସ୍ଥ ହୋଇପଡ଼ିଥିଲେ। ସେହିପରି ଅନ୍ୟ ୯ଜଣ ଛାତ୍ରୀଛାତ୍ର ମଧ୍ୟ ଅସୁସ୍ଥ ଅନୁଭବ କରିଥିଲେ। ଫଳରେ ଅଭିଭାବକ ଏବଂ ଶିକ୍ଷକମାନେ ମିଶି ୧୨ଜଣ ଛାତ୍ରୀଛାତ୍ରଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେହିପରି ବିଦ୍ୟାଳୟ ଛୁଟି ପରେ ଘରକୁ ଯାଇଥିବା ଅନ୍ୟ ୯ଜଣ ଛାତ୍ରୀଛାତ୍ର ଅସୁସ୍ଥତା ଅନୁଭବ କରିବାରୁ ସେମାନଙ୍କୁ ମଧ୍ୟ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥ ଅନୁଭବ କରିବାରୁ ଘରକୁ ଫେରିଥିଲେ। ଏ ସମ୍ପର୍କରେ ଖଜୁରିଆ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଶୁକଦେବ ସାହୁ କହିଛନ୍ତି, ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଇସାରି ଖେଳାଖେଳି କରିଥିବାରୁ ପେଟ ଗ୍ୟାସ୍ ହୋଇ ଅସୁସ୍ଥତା ଅନୁଭବ କରିଥିଲେ। ତେବେ ଚିକିତ୍ସା ପରେ ସମସ୍ତେ ସୁସ୍ଥହୋଇ ଘରକୁ ଫେରିଯାଇଛନ୍ତି।





# ଯୁଦ୍ଧର ଭ୍ରମ ସୃଷ୍ଟିକଲା ନୌସେନା ମକ୍‌ଡ୍ରିଲ୍

**ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)**

### ସମୁଦ୍ରରେ ଜାହାଜ, ଆକାଶରେ ଲଢୁଆ ବିମାନର ଚିତ୍ତାକର୍ଷକ ପ୍ରଦର୍ଶନ



ଆସନ୍ତା ଡିସେମ୍ବର ୪ରେ ପୁରୀ ବେଳାଭୂମିରେ ପ୍ରଥମ ଥର ପାଇଁ ଭାରତୀୟ ନୌସେନା ପକ୍ଷରୁ ନୌସେନା ଦିବସ ପାଳନ ହେବାକୁ ଯାଉଛି। ଏଥିପାଇଁ ଜିଲା ପ୍ରଶାସନ ସମେତ ନୌସେନା ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ପୁରୀରେ ପ୍ରଥମଥର ପାଇଁ ନୌସେନାର ବିଭିନ୍ନ ରଣକୌଶଳ କାର୍ଯ୍ୟକ୍ରମ ହେବାକୁ ଯାଉଥିବାରୁ ପୁରୀବାସୀ ଓ ପର୍ଯ୍ୟଟକ ଦେଖିବା ପାଇଁ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ନୌସେନା ଦିବସ ପାଳନ ପୂର୍ବରୁ ଗୁରୁବାର ପୁରୀ ଆକାଶ ଓ ବେଳାଭୂମିରେ ଯୁଦ୍ଧଭୂମିର ଭ୍ରମ ସୃଷ୍ଟି ହୋଇଛି। ଚାରିପଟେ ଯୁଦ୍ଧ ଜାହାଜ ଓ ଟ୍ୟାଙ୍କ ପ୍ରସ୍ତୁତ ହୋଇ ରହିଥିବାବେଳେ ମକ୍ ଡ୍ରିଲ କରାଯାଉଛି। ସ୍ୱତନ୍ତ୍ର କମାଣ୍ଡୋ ଅପରେଶନ ଓ ଭିନ୍ନ ଭିନ୍ନ ସମର କୌଶଳକୁ ନେଇ ବ୍ଲୁ ଫ୍ଲାଗ ବିଚ୍‌ରେ ଟ୍ୟାଙ୍କ୍, ଗାଡ଼ି, ଜାହାଜ, ବିମାନ ସମେତ ବିଭିନ୍ନ ଉପକରଣ ପହଞ୍ଚିଛି। ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକ ଏହାକୁ ଦେଖି ଖୁସି ହେଉଛନ୍ତି। ଗୁରୁବାର ଅପରାହ୍ନରେ ସମୁଦ୍ର ତଟରେ ନୌସେନାର ପ୍ରାୟ ୧୦ଟି ଯୁଦ୍ଧ ଜାହାଜ ଲାଗିଥିବା ଦେଖିବାକୁ ମିଳିଥିବାବେଳେ ଆକାଶମାର୍ଗରେ ହେଲିକପ୍ଟରଗୁଡ଼ିକ ଘନ ଘନ ପଇଁତରା ମାରିଥିଲା। ଡିସେମ୍ବର ୪ରେ ପୁରୀ ପେଣ୍ଠକଟା ବେଳାଭୂମିରୁ ଲାଇଟ୍ ହାଉସ୍ ବା ମୁହାଣ ପର୍ଯ୍ୟନ୍ତ ନୌସେନା ଦିବସର ମଜା ସ୍ଥାନୀୟ ବାସିନ୍ଦାଙ୍କ ସମେତ ପର୍ଯ୍ୟଟକ ଓ ଦର୍ଶକ ନେଇପାରିବେ। ସୁରକ୍ଷା ଦୃଷ୍ଟିରୁ ପ୍ରାୟ ୮୦ ପ୍ଲାଟୁନ ପୋଲିସ ଫୋର୍ସ ସମେତ ୩୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ଅଧିକାରୀ ପୁରୀରେ ମୁତୟନ ହେବେ ବୋଲି ସୂଚନା ମିଳିଛି।

ନୌସେନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦାନ କରିବେ। ତେଣୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ସୁରକ୍ଷା ଦୃଷ୍ଟିକୋଣରୁ ପୁରୀକୁ ହାଇ ଆଲର୍ଟରେ ରଖାଯାଇଥିବା ବେଳେ ସହର ସମେତ ପୁରୀ ବେଳାଭୂମି ବିଶେଷ କରି ବ୍ଲୁ ଫ୍ଲାଗ ବିଚ୍ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବୁଧବାର ଓ ଗୁରୁବାର ବେଳାଭୂମିରେ ନୌସେନା ପକ୍ଷରୁ ମକ୍‌ଡ୍ରିଲ୍ କରାଯାଇଛି। ଗୁରୁବାର ଅପରାହ୍ନରେ ପୁରୀ ଆକାଶରେ ଭାରତୀୟ ସେନାର ଅନେକ ଲଢୁଆ ହେଲିକପ୍ଟର ସହ ମିଗ୍ ଓ ଯୁଦ୍ଧ ବିମାନ ଚିତ୍ତାକର୍ଷକ ରଣ କୌଶଳ ପ୍ରଦର୍ଶନ କରିଥିଲା। ସେହିପରି ପୂର୍ତ୍ତ ସଚିବଙ୍କ ସମେତ ନୌସେନା ଅଧିକାରୀ ଓ ଜିଲାପାଳ ବ୍ଲୁ ଫ୍ଲାଗ୍ ବେଳାଭୂମି ବୁଲି ବିଭିନ୍ନ ବିଭାଗ ପକ୍ଷରୁ କରାଯାଇଥିବା କାର୍ଯ୍ୟଗୁଡିକର ସମୀକ୍ଷା କରିଛନ୍ତି। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ନୌସେନା ଦିବସ ପାଇଁ ଆଗାମୀ ଦିନରେ ବ୍ୟାପକ କଟକଣା ଜାରି ହେବ। ସୁରକ୍ଷା ଦୃଷ୍ଟିକୋଣରୁ ସେନାର ଅଭ୍ୟାସ ସମୟରେ ବେଳାଭୂମିକୁ ପର୍ଯ୍ୟଟକଙ୍କ ଗମନାଗମନ ଉପରେ କଟକଣା ଲାଗୁ କରାଯିବା ନେଇ ଯୋଜନା ହେଉଛି। ନୌସେନା ଦିବସରେ ଯୁଦ୍ଧ କୌଶଳ ପ୍ରଦର୍ଶନ ଦେଖିବା ପାଇଁ ପ୍ରବଳ ଜନସମାଗମକୁ ନଜରରେ ରଖି ୨୦ଟି ଅତିରିକ୍ତ ସ୍ଥାନରେ ଗାଡ଼ି ପାର୍କିଂର ବ୍ୟବସ୍ଥା କରାଯିବ। ବିଭିନ୍ନ ବର୍ଗଙ୍କ ପାଇଁ ପାର୍କିଂ ଜୋନ୍ କରାଯାଇଛି ବୋଲି ସ୍ୱାଇଁ କହିଛନ୍ତି। ସେହିପରି ସେନା ଅଧିକାରୀ ପ୍ରଦୀପ ପଟେଲ କହିଛନ୍ତି, ଆସନ୍ତା ୪ ତାରିଖରେ ନେଭି ପକ୍ଷରୁ ବିଭିନ୍ନ ରଣ କୌଶଳ ପ୍ରଦର୍ଶନ କରାଯିବ। ନୌସେନା କିପରି ଦେଶକୁ ସୁରକ୍ଷା ଯୋଗାଉଛି, ସେ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ। ୨୫ଟି ଯୁଦ୍ଧ ଜାହାଜ ଜଳପଥରେ ଓ ୪୦ଟି ଯୁଦ୍ଧ ବିମାନରେ ନୌସେନା ଅଧିକାରୀମାନେ ଆକାଶମାର୍ଗରେ କୌଶଳ ପ୍ରଦର୍ଶନ କରିବେ। ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଦିନେ ଦୁଇଦିନ ମଧ୍ୟରେ ନୌସେନାର ଆଡମିରାଲ୍ ପୁରୀରେ ପହଞ୍ଚିବେ ବୋଲି ସେ ସୂଚନା ଦେଇଛନ୍ତି।

